**ବ୍ଲକ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର**

ଚିତ୍ରକୋଣ୍ଡା, (ଡି.ଏନ.ଏ.): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ୧ନଂ. ଜୋନର ଜିଲା ପରିଷଦ ସଭ୍ୟା ବିନତି ଖିଲଙ୍କ ନେତୃତ୍ୱରେ କଂଗ୍ରେସ ପକ୍ଷରୁ ଜୋନ-୧ରେ ଥିବା ୩ଟି ପଞ୍ଚାୟତର ୮ଟି ଗ୍ରାମ ରେ ଥିବା ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ବୁଧବାର ବ୍ଲକ କଂଗ୍ରେସ ପକ୍ଷରୁ ଜିଲାପାଳ ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡ଼ିଓ ଶ୍ରୀ ରଘୁନାଥ ମୁଣ୍ଡାରୀଙ୍କୁ ପ୍ରଦାନ କରାଯାଇଛି। ଜୋନ-୧ରେ ଥିବା ୩ ପଞ୍ଚାୟତ ନୂଆଗୁଡା, ପାପଲୁର, କପାତୁଟିର ୮ ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନ ଓ ପାନୀୟ ଜଳର ଅଭାବ ସବୁବେଳେ ଲାଗି ରହିଛି। ଚିଲିକାପଡାଠାରୁ ପରାଜାଗୁଡା, ପରାଜଗୁଡାଠାରୁ କତାମେଟଲା, ଚିଲିକାପଡାଠାରୁ ପତରବାଙ୍କା, ଚିଲିକାପଡାଠାରୁ ଗଂଜେଇମାଳ, ଗଂଜେଇମାଳଠାରୁ ଇନ୍ତଲାକା, ବଡେଙ୍ଗାଠାରୁ ଇନ୍ତଲାକା ରାସ୍ତା ସଂଯୋଗୀକରଣ ବ୍ୟବସ୍ଥା ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି।

## ସଂକ୍ଷେପରେ

### ସ୍ୱାସ୍ଥ୍ୟକର୍ମୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦେଲେ ଦାବିପତ୍ର

କୁଡୁମୁଲୁଗୁମ୍ମା,୩୦।୧୧(ଡି.ଏନ.ଏ.): କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସ୍ୱାସ୍ଥ୍ୟକର୍ମୀ ବୁଧବାର ଏକ ୫ ଦଫା ସମ୍ବଳିତ ଦାବିପତ୍ର ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଉଦ୍ଦେଶ୍ୟରେ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା.ସନ୍ତୋଷ ଷଡ଼ଙ୍ଗୀଙ୍କୁ ପ୍ରଦାନ କରିଛନ୍ତି। ଦାବିଗୁଡିକ ମଧ୍ୟରେ ସ୍ୱାସ୍ଥ୍ୟକର୍ମୀଙ୍କ କ୍ୟାଡର ପୁନର୍ଗଠନ କରି ଚାକିରି କାଳରେ ୪ଟି ପଦୋନ୍ନତି ଦେବା, ଅର୍ଥ ବିଭାଗର ନୂତନ ପ୍ରକାଶିତ ଗ୍ରେଡ୍ ପେ ବିଜ୍ଞପ୍ତିକୁ ଲାଗୁ କରିବା, ଠିକା ବ୍ୟବସ୍ଥାର ସମ୍ପୂର୍ଣ୍ଣ ଉଚ୍ଛେଦ ସହ ସ୍ୱାସ୍ଥ୍ୟକର୍ମୀଙ୍କୁ ୬ଟି ଇନକ୍ରିମେଣ୍ଟ ପ୍ରଦାନ କରିବା, ବହୁମୁଖୀ ମହିଳା ପୁରୁଷ ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକଙ୍କ ପଦବୀର ନାମ ପରିବର୍ତ୍ତନ କରିବା, ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପୋଷାକ ଭତ୍ତା ବାର୍ଷିକ ୫ହଜାର ଟଙ୍କା ପ୍ରଦାନ କରିବା ଆଦି ରହିଛି। ଯଦି ସରକାର ଉକ୍ତ ନ୍ୟାଯ୍ୟ ଦାବିଗୁଡ଼ିକ ପୂରଣ ନ କରନ୍ତି ତେବେ ଡିସେମ୍ବର ୭ରୁ ସମଗ୍ର ଓଡ଼ିଶାର ସ୍ୱାସ୍ଥ୍ୟକର୍ମୀମାନେ କଳାବ୍ୟାଜ୍ ପିନ୍ଧି ନୀରବ ପ୍ରତିବାଦ କରିବେ। ଏହାର ଏକ ସପ୍ତାହ ପରେ ଡିସେମ୍ବର ୧୪ରୁ ଅସହଯୋଗ ଆନ୍ଦୋଳନ କରିବେ ବୋଲି ସଭାପତି ବେହେରା କହିଛନ୍ତି। ଉପସଭାପତି ରତିରଞ୍ଜନ ବାରିକ, ସମ୍ପାଦକ ପ୍ରଭାତ ନଳିନୀ ବେହେରା,ଶକୁନ୍ତଳା ଦାସ, ଶୁଭଲକ୍ଷ୍ମୀ ଦାସ,ଗୋରଖନାଥ ସାହୁଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟକର୍ମୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ଓପିଟିସିଏଲର ଲୁହା ଆଙ୍ଗେଲ ଚୋରି ମାମଲାରେ ପୁଣି ଜଣେ ଗିରଫ

ଜୟପୁର, ୩୦।୧୧ (ନି.ପ୍ର.): ଓପିଟିସିଏଲର ଲୁହା ଆଙ୍ଗେଲ ଚୋରି ମାମଲାରେ ପୁଣି ଜରେ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଲେ ନନ୍ଦଗୁଡା ଗ୍ରାମର ଟୁନା ଏଲିୟସ ସନ୍ତୋଷ ଓରଫ ପ୍ରମୋଦ କୁମାର ସନ୍ତୋଷ (୨୪)। ଜୟପୁର ଜୟନଗର ଗ୍ରୀଡ ଓ ନନ୍ଦଗୁଡାରୁ ଆଙ୍ଗେଲ ଓ ଲୁହା ସମଗ୍ରୀ ଚୋରି ହୋଇଥିବା ନେଇ ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଜୟପୁରରେ ଥିବା ଜଣେ ସ୍କ୍ରାପ ବ୍ୟବସାୟୀ ଏହି ଚୋରି ସାମଗ୍ରୀକୁ ବିକ୍ରି କରୁଥିଲେ। ପୋଲିସ ଏହି ସୂରାକ ପାଇବା ପରେ ସେତେବେଳେ ଏହି ମାମଲାରେ ୬ ଅଭିଯୁକ୍ତଙ୍କୁ ଗିରଫ କରି ଚୋରି ସମଗ୍ରୀ ଜବତ କରିଥିଲା। ଏଥିରେ ବ୍ୟବହୃତ ଅଟୋ ଓ ଟାଟା ଏସିଇ ଗାଡିକୁ ଜବତ କରି ଗତ ୧୫।୯।୨୨ରେ ସେମାନଙ୍କୁ କୋର୍ଟଚାଲାଣ କରିଥିଲା। ଏବେ ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ସନ୍ତୋଷଙ୍କୁ ଗିରଫ କିର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

### ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଆଶାକର୍ମୀ ସଂଘର ଧାରଣା

ରାୟଗଡ଼ା ଅଫିସ,୩୦।୧୧: ଗର୍ଭବତୀ ଏବଂ ନବଜାତ ଶିଶୁଙ୍କୁ ଅଧିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଜାତୀୟ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଏନ୍‌ଏଚ୍‌ଏମ୍ ଅଂଶଭାବେ ଜନନୀ ସୁରକ୍ଷା ଯୋଜନା ୨୦୦୬ ରୁ କାର୍ଯ୍ୟକାରୀ ହୋଇ ଆସୁଛି। ରାଜ୍ୟର ସବୁ ଜିଲା ଭଳି ରାୟଗଡ଼ା ଜିଲାରେ ଆଶାକର୍ମୀଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘର ସଦସ୍ୟା ମାନେ ଉପାନ୍ତ ଅଞ୍ଚଳରେ ଜୀବନକୁ ବାଜି ଲଗାଇ ଗର୍ଭବତୀ, ଶିଶୁ ଓ ରୋଗୀଙ୍କୁ ସହଯୋଗର ହାତ ବଢାଇ ସରକାରଙ୍କ ସମସ୍ତ ସ୍ୱାସ୍ଥ୍ୟ ଯୋଜନାକୁ ସଫଳ କରିବାରେ ମୁଖ୍ୟ ଭୂମିକା ନେଇ ଆସୁଛନ୍ତି। ତେବେ ଆଶାକର୍ମୀ ମାନଙ୍କର ଦୀର୍ଘ ଦିନର ଦାବି ପୂରଣ ହୋଇ ନ ଥିବାରୁ ସଂଘର ରାଜ୍ୟ ନିଷ୍ପତ୍ତି କ୍ରମେ ୨୯ ରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ହେଲେ ସରକାର ଦାବି ପୂରଣ ଦିଗରେ ଅଣଦେଖା କରିବା ଯୋଗୁ ବୁଧବାର ଠାରୁ ସମସ୍ତ ଆଶାକର୍ମୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ରାଜ୍ୟର ସମସ୍ତ ବ୍ଲକରୁ ରାଜଧାନୀ ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଆରମ୍ଭ ହୋଇଛି ବୋଲି ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘ ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସ କହିଛନ୍ତି।ଜ ସଂଘର ବିଭିନ୍ନ ଦାବି ମଧ୍ୟରେ ଏନ୍‌ଏଚ୍‌ଏମ୍‌କୁ ସ୍ଥାୟୀ କରିବା, ରାୟଗଡ଼ା ଜିଲାର ସମସ୍ତ ସିଏଚସି/ ପିଏଚସିରେ ଆଶାଙ୍କ ଲାଗି ବିଶ୍ରାମ ଗୃହ ନିର୍ମାଣ, ଆଶାମାନଙ୍କୁ ସରକାରୀ କର୍ଚାରୀର ମାନ୍ୟତା ଓ ସେମାନଙ୍କୁ ମାସିକ ବେତନ ୧୮ ହଜାର ଟଙ୍କା ପ୍ରଦାନ, ଆଶାକର୍ମୀଙ୍କୁ ଏକ କାଳୀନ ୫ ଲକ୍ଷ ଓ ମାସିକ ଭତ୍ତା ବାବଦରେ ୫ ହଜାର ଟଙ୍କା ପ୍ରଦାନ, କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁ ଘଟିଲେ ସହାୟତା ରାଶି ୫ ଲକ୍ଷ ଟଙ୍କା ଏବଂ ପରିବାରର ଜଣଙ୍କୁ ନିଯୁକ୍ତି ପ୍ରମୁଖ ଦାବି ରହିଛି।

# ଧୂଳିରେ ଅଞ୍ଚଳବାସୀ ବଞ୍ଚିବା ଅସହ୍ୟ ହୋଇପଡ଼ିଛି

- ଭାରତମାଳା ପ୍ରକଳ୍ପରେ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟାରେ ଗାଡ଼ି ଚଳାଚଳକୁ ବିରୋଧ
- ରାସ୍ତା ମରାମତି ଦାବିରେ ୩ ଘଣ୍ଟା ଗାଡ଼ି ଚଳାଚଳ ବନ୍ଦ କଲେ

ଉମରକୋଟ,୩୦।୧୧(ସ୍ୱ.ପ୍ର.)


ଗ୍ରାମବାସୀ ରାସ୍ତା ବନ୍ଦ କରିଛନ୍ତି।

ରାୟପୁର ଠାରୁ ବିଶାଖାପାଟଣା ମଧ୍ୟରେ କେନ୍ଦ୍ର ସରକାରଙ୍କ ଭାରତମାଳା ପ୍ରକଳ୍ପରେ ରାସ୍ତାକାମ ଦ୍ରୁତଗତିରେ ଚାଲିଛି। ତେବେ ରାସ୍ତାକାମ ଯୋଗୁ ହଜାର ହଜାର ଟ୍ରକ୍ ଚାଲିବା କାରଣରୁ ରାସ୍ତା ନଷ୍ଟ ହେବା ସହ ପ୍ରବଳ ଧୂଳି ଉଡୁଛି। ଏହାର ପରିମାଣ ଗ୍ରାମାଞ୍ଚଳର ଲୋକଙ୍କୁ ଭୋଗିବାକୁ ପଡୁଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ସୁକିଗାଁ ପଞ୍ଚାୟତର ମାଟାଗାଁ କ୍ୟାମ୍ପ ସମ୍ମୁଖରେ ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଏକତ୍ରିତ ହୋଇ କ୍ୟାମ୍ପରୁ କୌଣସି ଟ୍ରକ ବହାରିବାକୁ ଦେଇ ନ ଥିଲେ। ପ୍ରତିବାଦ କରିବା ସହ ପ୍ରକଳ୍ପ ଅଧୀନରେ ଚଳାଚଳ କରୁଥିବା ଟ୍ରକ୍ ଗୁଡ଼ିକୁ ୩ ଘଣ୍ଟା ଧରି ବନ୍ଦ କରି ଦେଇଥିଲେ।

ସୂଚନାଯୋଗ୍ୟ, ଭାରତମାଳା ପ୍ରକଳ୍ପର ଏକ ବଡ଼ କ୍ୟାମ୍ପ ଏଠାରେ ରହିଛି। ଏହି ପ୍ରକଳ୍ପ ରାସ୍ତାକାମ ସୁକିଗାଁ ପଞ୍ଚାୟତ ଦେଇ ଯାଉଛି। ପ୍ରତ୍ୟେକ ଦିନ କାମ ପାଇଁ ହଜାର ହଜାର ସଂଖ୍ୟାରେ ଟିପର୍, ଟ୍ରକ୍, ଟ୍ରଲି ଟ୍ରକ୍ ଯାତାୟାତ କରୁଛି। ଅଧିକ ଗାଡ଼ି ଚଳାଚଳ ଫଳରେ ବେହେଡ଼ା ଠାରୁ କେଶରୀବେଡ଼ା ଯାଇଁ ରହିଥିବା ପିଚୁ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହେଇଯାଇଛି। ଏବେ ରାସ୍ତାରେ ଉଡୁଥିବା ଧୂଳି ନିକଟସ୍ଥ ଗ୍ରାମବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସେମାନେ ସେଠାରେ ରହିବା କଷ୍ଟକର ହୋଇପଡ଼ିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକଳ୍ପ ପକ୍ଷରୁ ରାସ୍ତା ମରାମତି କରାଯାଉ ନ ଥିବାରୁ ଏଭଳି ସସମସ୍ୟାଉପୁଜିଥିବା ଜଣାପଡ଼ିଛି। ଅଭିଯୋଗ କଲେ କେବଳ ଖାଲଖମା ସ୍ଥାନରେ ମାଟି ପକାଇ କାମ ଚଳାଇ ଦେଉଛନ୍ତି। ଏହା ଧୂଳିକୁ ବଢ଼ାଇଛି। ବିଶେଷ କରି ବୃଦ୍ଧ, ରୋଗୀ ଏବଂ ଶିଶୁଙ୍କ ପାଇଁ ବଞ୍ଚିବା କଷ୍ଟକର ହୋଇପଡ଼ିଛି ବୋଲି ଶୁକିଗାଁ ସରପଞ୍ଚ ସୁବାସ ସାନ୍ତା ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀ ପ୍ରକଳ୍ପକୁ ବିରୋଧ କରୁନାହାନ୍ତି ବରଂ ଅଧିକାରୀ ମାନେ ସ୍ଥାନୀୟ ଲୋକଙ୍କ ପ୍ରତି ମାନବିକତା ଦେଖାଉ ନାହାଁନ୍ତି ବୋଲି ସେ କହିଛନ୍ତି। ଏମିତିକି ସବୁବେଳେ ଓଭରଲୋଡ୍ ଟ୍ରକ୍ ଦ୍ରୁତଗତିରେ ଚଳଚଳ କରୁଥିବାରୁ ସ୍ଥାନୀୟ ଗ୍ରାମବାସୀଙ୍କ ଯାନବାହାନ ଚଳାଚଳ ନିମନ୍ତେ ରାସ୍ତା ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ସେହିପରି ଜମି ମାଲିକଙ୍କ ଅନୁମତି ନ ନେଇ ମାଟି ନେଇ ଯାଉଛନ୍ତି। ପ୍ରତିବାଦ କଲେ ଗଣ୍ଡଗୋଳ କରୁଥିବା ଗ୍ରାମବାସି ପ୍ରକାଶ କରିଛନ୍ତି। ଲୋକଙ୍କ ଯାତାୟାତ ପାଇଁ ଡାଇଭରସନ ରାସ୍ତା ମଧ୍ୟ କରାଯାଉ ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହା ବ୍ୟତୀତ ସ୍ଥାନୀୟ ପିଲା ସ୍କୁଲକୁ ଯିବା, ରୋଗୀ ଏବଂ ଗର୍ଭବତୀଙ୍କୁ ଆମ୍ବୁଲାନ୍ସରେ ନେବା ଆଣିବା ମୁସ୍କିଲ ହୋଇପଡ଼ିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମନମୁଖୀ କାର୍ଯ୍ୟର ପ୍ରତିବାଦ କରି ଗ୍ରାମବାସୀ ଟ୍ରକ୍ ଚଳାଚଳ ବନ୍ଦ କରି ଦେଇଥିଲେ। ସକାଳ ୯ ଟା ରୁ ପ୍ରାୟ ୧୨ଟା ପର୍ଯ୍ୟନ୍ତ ଟ୍ରକ୍ ଚଳାଚଳ ବନ୍ଦ ରହିଥିଲା। ପ୍ରକଳ୍ପର ସିପିଏମ୍ ଓ ଏଲାଇନମେଣ୍ଟ ମ୍ୟାନେଜର ଘଟଣାସ୍ଥଳରେ ପହଞ୍ଚି ରାସ୍ତା ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଫାଟକ ଖୋଲିଥିଲେ। ଏହି ସମୟରେ ସରପଞ୍ଚ ସୁବାସ ସାନ୍ତା, ସମିତି ସଭ୍ୟା ମଞ୍ଜୁ ପରଜା, ସମସ୍ତ ୱାର୍ଡମେମ୍ବର ଓ ଶତାଧିକ ଲୋକ ଉପସ୍ଥିତ ଥିଲେ। ଜିଲା ପ୍ରଶାସନ ସ୍ଥାନୀୟ ଲୋକ ଭୋଗୁଥିବା ସମସ୍ୟାକୁ ହୃଦୟଙ୍ଗମ କରି ଉଚିତ୍ ପଦକ୍ଷେପ ନେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ପରବର ମୁଖ୍ୟ ସମାରୋହ ସ୍ଥଳରେ ହେବ ୩୫୦ ଷ୍ଟଲ

କୋରାପୁଟ,୩୦।୧୧(ସ୍ୱ.ପ୍ର.)

ଚଳିତବର୍ଷ ଆଦିବାସୀ ଲୋକ ମହୋତ୍ସବ ପରବର ରୌପ୍ୟ ଜୟନ୍ତୀର ମୁଖ୍ୟ ସମାରୋହ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହେବ। ଏଠାରେ ୩୫୦ଟି ଷ୍ଟଲ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ବୈଠକରେ ନିଷ୍ପତ୍ତି ହୋଇଛି। ସରକାରୀ ମହାବିଦ୍ୟାଳୟର ପଡିଆଠାରେ ଡିସେମ୍ବର ୧୭ରୁ ୨୧ଯାଏ ଆୟୋଜିତ ହେବ ପରବର ମୁଖ୍ୟ ସମାରୋହ। ଏଥିରେ ୩୫୦ଟି ଷ୍ଟଲ ଖୋଲିବ। ସେଥିରୁ ୮୦ଟି ଷ୍ଟଲ ଭଡା ସୂତ୍ରରେ ପ୍ରଦାନ କରାଯିବ। ପ୍ରତିଷ୍ଟଲ ପିଛା ୧୭ ହଜାର ଟଙ୍କା ଭଡା ଧାର୍ଯ୍ୟ ହୋଇଛି। ଭଡାସୂତ୍ରରେ ପ୍ରଦାନ କରାଯିବାକୁ ଥିବା ଷ୍ଟଲରୁ ୨୦ଟି କୋରାପୁଟ ଜିଲାର ବ୍ୟବସାୟୀଙ୍କୁ ଅଗ୍ରାଧିକାର ଭିତିରେ ପ୍ରଦାନ କରାଯିବ। ପରବ ପଲ୍ଲିଶ୍ରୀ ମେଳା କମିଟି ଅଧକ୍ଷ ତଥା ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶିବାଜୀ ଗୌରବ ଇଶାଲୱାରଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଉପରୋକ୍ତ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ଚଳିତ ବର୍ଷ ପରବ ମୁଖ୍ୟ ସମାରୋହରେ ସ୍ୱୟଂ ସହାୟକ ଦଳଗୁଡିକର ସାମଗ୍ରୀ ବିକ୍ରି କରିବା ସୁଯୋଗ ଦେବା ଉଦ୍ଦେଶ୍ୟରେ ପ୍ରାୟ ୨୦୦ଟି ଷ୍ଟଲ ପ୍ରଦାନ କରାଯିବ। ସରକାରୀ ବିଭାଗ ପାଇଁ ୪୦ଟି ଷ୍ଟଲ, ସେହିପରି ସ୍ୱାସ୍ଥ୍ୟ ବିଭାଗ, ପୋଲିସ ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ନାଲ୍‌କୋ ଓ ହାଲ୍ ଆଦି ସରକାରୀ ବିଭାଗଗୁଡିକ ପାଇଁ ୩୦ଟି ଷ୍ଟଲ ରଖାଯିବ। ବଳକା ୮୦ଟି ଷ୍ଟଲକୁ ଟେଣ୍ଡର ମାଧ୍ୟମରେ ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଛି। ଏହି ବୈଠକରେ ଓରମାସର ସିଇଓ ରୋଶନ କାର୍ତ୍ତିକ, କମିଟି ସଦସ୍ୟ ଘନଶ୍ୟମ ରଥଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଖରିଫ ଧାନମଣ୍ଡି ପରିଚାଳନା ନେଇ ଆଲୋଚନା


ବୈଠକରେ ଉପସ୍ଥିତ ଲାମ୍ପସ ସଭାପତି, ଏମ୍‌ଡି, ନିର୍ଦ୍ଦେଶକ ଓ ଅନ୍ୟମାନେ।

ତେନ୍ତୁଲିଖୁଣ୍ଟି,୩୦।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଅଞ୍ଚଳଗୁମ୍ମା ଲାମ୍ପସର ବୈଠକ ସଭାପତି ଦିଲୀପ କୁମାର ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବ ବୈଠକର ବିବରଣୀ ପାଠ ସହ ଲାମ୍ପସର ଆୟବ୍ୟୟ ସମ୍ପର୍କିତ ବିବରଣୀ ପାଠ କରାଯାଇଥିଲା। ପରେ ରବି ଋଣ ଓ ରବି ଆଦାୟ, ଚଳିତ ଖରିଫ ଋତୁରେ ଧାନମଣ୍ଡି ପରିଚାଳନା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଲାମ୍ପସ କମ୍ପ୍ୟୁଟରୀକରଣ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଶାଖା ପରିଚାଳକ ଶଙ୍କର ପ୍ରସାଦ ରଥ, ସୁପରଭାଇଜର ଅରୁଣ ମହାପାତ୍ର, ଏମ୍‌ଡି ସୁଶୀଲ ମହାପାତ୍ର, ଲାମ୍ପସର ବିଭିନ୍ନ ଅଭାବ ଓ ଆବଶ୍ୟକତା ତଥା ଚାଷୀଙ୍କ ହିତ ପାଇଁ କ'ଣ ପଦକ୍ଷେପ ନିଆଯାଇପାରିବ ମତ ରଖିବା ସହ ସରକାରୀ ସହାୟତାର ଦସ୍ତାବିଜ ଉପସ୍ଥାପନ କରିଥିଲେ। ଲାମ୍ପସ ଉପସଭାପତିପ୍ରଭାତୀ କନ୍ଧଙ୍କସମେତ ୧୩ ନିର୍ଦ୍ଦେଶକ ବୈଠକରେ ଉପସ୍ଥିତ ଥିଲେ।

# ନକଲି ନିଯୁକ୍ତିପତ୍ର ଦେଇ ୧୩ ଲକ୍ଷ ଠକେଇ

କୋରାପୁଟ,୩୦।୧୧(ସ୍ୱ.ପ୍ର.)

ଚାକିରି ଦେବାକୁ କହି ନକଲି ନିଯୁକ୍ତିପତ୍ର ଦେଇ ୧୩ ଲକ୍ଷ ଟଙ୍କା ଠକେଇ କରିଥିବା ଜଣେ ଯୁବକଙ୍କୁ ବୁଧବାର କୋରାପୁଟ ଟାଉନଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କଳାହାଣ୍ଡି ଜିଲା କୋଟା ଗ୍ରାମର କାମଦେବ ପାଳଙ୍କ ପୁଅ ବ୍ୟାସଦେବ ପାଳ। ତାଙ୍କୁ ଜୟପୁର ଅଞ୍ଚଳରୁ ଗିରଫ କରାଯାଇଥିବା ଟାଉନ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି।

ଖବରରୁ ଜଣାପଡିଛି, କୋରାପୁଟ ଜିଲା କୁନ୍ଦୁଲି ଗ୍ରାମର ଆଲୋକ ପାଙ୍ଗିଙ୍କୁ ଚାକିରି ଦେବାକୁ କହି ନକଲି ନିଯୁକ୍ତିପତ୍ର ଦେଇ ବ୍ୟାସଦେବ ୧୩ ଲକ୍ଷ ଟଙ୍କା ଠକି ନେଇଥିଲେ। ବ୍ୟାସଦେବ ଜୟପୁର ଲିଙ୍ଗରାଜନଗରରେ ରହୁଥିବାବେଳେ ତାଙ୍କର କୁନ୍ଦୁଲିର ଆଲୋକ ପାଙ୍ଗିଙ୍କ ସହ ପରିଚିତ ହୋଇଥିଲା। ଆଲୋକଙ୍କୁ ରେଳ ବିଭାଗରେ ଚାକିରି କରାଇଦେବା ପାଇଁ କହି ସେ ତାଙ୍କଠାରୁ ୨୦୧୯ରେ ପ୍ରଥମ କିସ୍ତିରେ ୬ ଲକ୍ଷ ୫୦ ହଜାର ଟଙ୍କା ନେଇ ପରେ ରେଳ ବିଭାଗର ଏକ ନିଯୁକ୍ତିପତ୍ର ଦେଇଥିଲେ। କିଛିଦିନ ପରେ ଏହି ନିଯୁକ୍ତିପତ୍ର ନକଲି ଥିବା ଆଲୋକ ବ୍ୟାସଦେବଙ୍କୁ କହିବାରୁ ତାହା ଭୁଲରେ ହୋଇଛି କହି ପୁନର୍ବାର ଇଷ୍ଟକୋଷ୍ଟ ରେଲୱେର ଏକ ନିଯୁକ୍ତିପତ୍ର ଦେଇ ତାଙ୍କଠାରୁ ଦ୍ୱିତୀୟ କିସ୍ତିରେ ଆଉ ୬ ଲକ୍ଷ ୫୦ ଲକ୍ଷ ଟଙ୍କା ନେଇଥିଲେ। ଏହାକୁ ନେବା ପରେ ଆଲୋକ ଚାକିରି ପାଇଁ ଯାଇ ଏହା ନକଲି ଥିବା ଜାଣି ୧୩ ଲକ୍ଷ ଟଙ୍କା ଠକିଥିବା ବ୍ୟାସଦେବଙ୍କୁ ଟଙ୍କା ଫେରାଇବାକୁ କହିଥିଲେ। ଏନେଇ ନଭେମ୍ବର ୨୮ରେ କୋରାପୁଟ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନାରେ ୩୧୨/୨୦୨୨ରେ ଦଫା ୪୧୭, ୪୨୦ ୪୬୮, ୪୭୧, ୨୯୪, ୫୦୭ ଆଇପିସରେ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଏସଆଇ ରଞ୍ଜିତ କୁମାର ମିଶ୍ର କରୁଥିଲେ। ମିଶ୍ର ଘଟଣାର ତଦନ୍ତ ଜାରି ରଖିଥିବାବେଳେ ବୁଧବାର ଜୟପୁର ସହରରୁ ଅଭିଯୁକ୍ତ ବ୍ୟାସଦେବଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି।

### ଅମ୍ବାଦଳା ପ୍ରେସ୍‌କ୍ଲବର ନୂତନ କାର୍ଯ୍ୟକାରିଣୀ ଚୟନ

ମୁନିଗୁଡ଼ା,୩୦।୧୧(ଡି.ଏନ୍.ଏ.)

ମୁନିଗୁଡ଼ା ବ୍ଲକ ଅମ୍ବାଦଳାର ନୀଳଗିରି ପିକ୍‌ନିକ୍ ସ୍ପଟ ପରିସରରେ ଅମ୍ବାଦଳା ପ୍ରେସ୍‌କ୍ଲବ ପକ୍ଷରୁ ବୁଧବାର ସଂଘର ନୂତନ କାର୍ଯ୍ୟକାରିଣୀ ବୈଠକ ଏବଂ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ସାଙ୍ଗଠନ ବିଷୟରେ ଆଲୋଚନା ହୋଇଥିଲା। ଅମ୍ବାଦଳା ପ୍ରେସ୍‌କ୍ଲବର ଆବାହକ ଦକ୍ଷ ବାତ୍ରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ମାର୍ଗଦର୍ଶକ ଭାବେ ମୁନିଗୁଡା ପ୍ରେସ୍‌କ୍ଲବର ସଭାପତି ରାଜୀବ ଲୋଚନ ଦାସ, କାର୍ଯ୍ୟକାରୀ ସମ୍ପାଦକ ନନ୍ଦକିଶୋର ପଟ୍ଟନାୟକ, ଉପଦେଷ୍ଟା ପ୍ରମୋଦ ସାହୁକାର ପ୍ରମୁଖ ଯୋଗଦେଇ ଉପସ୍ଥିତ ସଭ୍ୟମାନଙ୍କୁ ମାର୍ଗଦର୍ଶନ କରିଥିଲେ। ସ ଭ । ପ ତି ଗତ ଅଧିବେଶନର ନିଷ୍ପତ୍ତି ସମସ୍ତଙ୍କୁ ଜଣାଇବା ସହ ଆଗାମୀ ଦିନରେ ହେବାକୁ ଥିବା ମୁନିଗୁଡ଼ା ପ୍ରେସ୍‌କ୍ଲବର ଅଧିବେଶନ ଉପରେ ଆଲୋଚନା କରିଥିଲେ। ସମ୍ପାଦକ ସଂଘର ଶୃଙ୍ଖଳା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଶେଷରେ ନୂତନ କାର୍ଯ୍ୟକାରିଣୀ ଚୟନ ହୋଇଥିଲା। ସଭାପତିଭାବେ ଦକ୍ଷ ବାତ୍ରା, ଭଗବାନ କରକରିଆ,ସମ୍ପାଦକ ଅନନ୍ତ ନାରାୟଣ ଦୁର୍ଗା, ସହ ସମ୍ପାଦକ ସୁଦୀପ ମିଶ୍ର, କୋଷାଧ୍ୟକ୍ଷ ରୂପେ ରଘୁନାଥ ବେହେରା ମନୋନୀତ ହୋଇଥିବା ବେଳେ ମାର୍ଗଦର୍ଶକମାନଙ୍କୁ ମଧ୍ୟ ଚୟନ କରାଯାଇଛି। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥିଭାବେ ଅମ୍ବାଦଳା ଆଇଆଇସି କମଳାକାନ୍ତ କଅଁର,ସମ୍ମାନିତ ଅତିଥି ମୁନିଗୁଡ଼ା ପ୍ରେସ୍‌କ୍ଲବର ସଭାପତି ରାଜୀବ ଲୋଚନ ଦାସ, ସଦସ୍ୟ ମନୋରଞ୍ଜନ ଦଳାଇ ଉପସ୍ଥିତ ରହି ଖବରଦାତା ମାନଙ୍କ ସମାଜ ପ୍ରତି ଦାୟିତ୍ୱବୋଧ ଓ ସାମାଜିକ ଭୂମିକା ଉପରେ ଆଲୋଚନା ହୋଇଥିଲା। ଅମ୍ବାଦଳା ପ୍ରେସ୍‌କ୍ଲବର ସଭାପତି ମଞ୍ଚ ସଂଯୋଜନା କରିଥିବା ବେଳେ ସମ୍ପାଦକ ଅନନ୍ତ ନାରାୟଣ ଦୁର୍ଗା ଧନ୍ୟବାଦ ଦେଇଥିଲେ। ଶେଷରେ ଅତିଥି ତ୍ରୟଙ୍କୁ ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରାଯାଇଥିଲା।



# ଉପଯୁକ୍ତ କ୍ଷତିପୂରଣ ନେଇ ଜିଲା ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ


ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଗ୍ରାମବାସୀ।

**ଭାରତମାଳା ଜାତୀୟ ରାଜପଥ ପ୍ରକଳ୍ପ**

କୋରାପୁଟ,୩୦।୧୧(ସ୍ୱ.ପ୍ର.)

ବିଶାଖାପାଟଣାରୁ ଭାୟା କୋରାପୁଟ ଦେଇ ରାୟପୁର ଯାଏ ନିର୍ମାଣ କରାଯାଉଥିବା ଭାରତମାଳା ଜାତୀୟ ରାଜପଥର ବସଷ୍ଟାଣ୍ଡ ନିମନ୍ତେ ନିଜର ବହୁମୂଲ୍ୟ ଜମି ହରାଉଥିବା ବୋରିଗୁମ୍ମା ତହସିଲର ନନ୍ଦଲାଁ ଆରଆଇ ସର୍କଲର ଚମ୍ପିଆ ଗ୍ରାମବାସୀ ଉପଯୁକ୍ତ କ୍ଷତିପୂରଣ ଦାବି ନେଇ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ପ୍ରକଳ୍ପ ଯୋଗୁ ଚମ୍ପିଆ ଗ୍ରାମର ୧୬ ଜଣଙ୍କ ୪୦ ଏକର ଜମି ନେଇ ସେଠାରେ ଏକ ବସଷ୍ଟାଣ୍ଡ ନିର୍ମାଣ ଯୋଜନା ରହିଛି। ତେବେ କ୍ଷତିପୂରଣ ବାବଦରେ ଗ୍ରାମବାସୀଙ୍କୁ ତହସିଲ ପକ୍ଷରୁ କମ ଟଙ୍କା ପ୍ରଦାନ କରାଯାଉଛି। ଏହାକୁ ନେଇ ଚମ୍ପିଆ ଗ୍ରାମର ହର ଭତରା, ତୁଳାରାମ ବିଶୋୟୀ, କଦାଳ ଭତରା, ସଦା ଅମାନାତ୍ୟ, ଦେବ ଅମାନାତ୍ୟ, ସଦା ବିଶୋୟୀ, ମଧୁସୂଦନ ବିଶୋୟୀଙ୍କ ସହ ଅନ୍ୟମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ କ୍ଷତିପୂରଣ ରାଶି ବୃଦ୍ଧି ପାଇଁ ଦାବି କରିଛନ୍ତି। ନଚେତ ଅନ୍ୟତ୍ର ବସଷ୍ଟାଣ୍ଡ କରନ୍ତୁ ବୋଲି ଗ୍ରାମବାସୀ ପ୍ରଶାସନକୁ ଜଣାଇଛନ୍ତି। ଏହି ଅବସରରେ ଏକ ଦାବିପତ୍ର ପ୍ରଶାସକୁ ଗ୍ରାମବାସୀ ଦେଇଛନ୍ତି।

# ବ୍ଲକସ୍ତରୀୟ 'ପରବ' ଉଦଯାପିତ

ନାରାୟଣପାଟଣା ୩୦।୧୧( ଡି.ଏନ.ଏ.)

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ୩୦ ତାରିଖରୁ ବ୍ଲକ ମହକୁମାରେ ଚାଲିଥିବା ପରବ ଉଦଯାପିତ ହୋଇଯାଇଛି। ସକାଳ ପ୍ରାତଃ ୮ଟାରେ ଲଗ୍ନ ଅନୁଯାୟୀ ମା ବୁଢୀ ଠାକୁରାଣୀ ମନ୍ଦିରଠାରେ ପୂଜା କରାଯାଇ ମଶାଲ ଶୋଭାଯାତ୍ରା ହୋଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳର ଢେମଶା ନୃତ୍ୟ ଓ ଆତସବାଜି କାର୍ଯ୍ୟକ୍ରମ ବ୍ଲକ ଅଧ୍ୟକ୍ଷ ଗୋଲନ୍ଦି ତ୍ରିନାଥଙ୍କ ନେତୃତ୍ୱରେ ହୋଇଥିଲା। ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା, ପୂର୍ବତନ ଏମ୍‌ପି ଝିନା ହିକକା, ପୂର୍ବତନ ବିଧାୟକ କୈଲାସ କୁଲେସିକା, ବିଡିଓ ଅଶିନୀ ମହାପାତ୍ର, ତହସିଲଦାର ଯଦୁମଣି ନାୟକ, ୯ଟି ପଞ୍ଚାୟତର ସମସ୍ତ ସରପଞ୍ଚ ,ପିଇଓ, ଜିଆରଏସ, ସମିତିସଭ୍ୟା ସଭ୍ୟ, ୱାର୍ଡ଼ ମେମ୍ବର, ଥାନା ଅଧିକାରୀ ରଘୁନାଥ ମାଝୀ,ବିଧାୟକ ପ୍ରତିନିଧି ସାୟା ରାଜୁ, ଏମ୍‌ପି ପ୍ରତିନିଧି ଝୁନୁ ତୁରୁକ, ଜିଲା ପରିଷଦ ସଭ୍ୟା ରାମ୍ଭୋ ଶିରିକା, ଲଳିତ ନାରାୟଣ ପରିଡ଼ା,ବ୍ଲକ ସଭାପତି ଏଗି ନାରାୟନ, ଅଧ୍ୟାପକ ପ୍ରଜାରଞ୍ଜନ ମିଶ୍ର,ସମାଜିକ କର୍ମୀ ଦୟାନିଧି ପ୍ରଧାନ, ଭାଜପା ଜିଲ୍ଲା ସମ୍ପାଦକ ରମେଶ ଦାସ, ଯୁବ ସଭାପତି ଏନ ବିନୋଦ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଶୋଭାଯାତ୍ରା ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇ ସେଠାରେ ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା ସହ ନୃତ୍ୟ ସହ ନାଚ,ଦୌଡ଼ ପ୍ରତିଯୋଗିତା ହୋଇଥିଲା। କ୍ରୀଡା ପ୍ରତିଯୋଗିତାକୁ ପ୍ରଶିକ୍ଷକ ରଜତ ହିଆଲ, ରାଜେଶ ମହାପାତ୍ର ,ଏସ ରମେଶ କୁମାର, ପରିଚାଳନା କରିଥିଲେ। ନୀଳମଣି ପାତ୍ରୀ ଭଲିବଲ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରିୟଙ୍କା ପାତ୍ରୀ,ନିରାଶା ଗାମେଲି ପରିଚାଳନା କରିଥିଲେ। ରାୟଗଡ଼ା ଜିଲାରୁ ଆସିଥିବା ବିଦିସା ଶତପଥୀ ଅଙ୍କରିଂ କରିଥିଲେ। ଅଧ୍ୟାପକ ପ୍ରଜାରଞ୍ଜନ ମିଶ୍ର ସହଯୋଗ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ।

# ମାଲକାନଗିରି ଜିଲା ପଞ୍ଚାୟତ ତାଲିକାରେ ନାହିଁ ଗାଁ ନାଁ

**ପ୍ରଶାସନ ଆଢୁଆଳରେ ଦୁଇ ସୀମାନ୍ତ ଗ୍ରାମ**

ଚିତ୍ରକୋଣ୍ଡା, ୩୦।୧୧(ଡି.ଏନ.ଏ.)

ଏବେବି ଦୁଇଟି ସୀମାନ୍ତ ସୀମାନ୍ତ ଗ୍ରାମ ପ୍ରଶାସନ ଆଢୁଆଳରେ ରହିଛି। ସେହି ଦୁଇଟି ଗ୍ରାମ ହେଲା ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ଧୂଳିପୁଟ ପଞ୍ଚାୟତ ଅନ୍ତର୍ଗତ ଜୁମଡାଙ୍ଗଠାରୁ ୭କି.ମି ଦୂର ପାହାଡ ଭିତରେ ଥିବା କନ୍ଧୁଲପାଡୁ ଏବଂ ବାଙ୍ଗରାକୋଣ୍ଡା ଗ୍ରାମ। ରାସ୍ତା ଘାଟ ନ ଥିବା ଏହି ଦୁଇଟି ଗ୍ରାମର ଗ୍ରାମବାସୀ ଓଡ଼ିଶା ସରକାରଙ୍କ ସମସ୍ତ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ସେମାନେ ଓଡ଼ିଶାରୁ ଭତ୍ତା, ରାଶନ ଚାଉଳ କି ଅନ୍ୟ କୌଣସି ସମସ୍ତ ସୁବିଧା ସୁଯୋଗ ପାଉନାହାନ୍ତି। ତେବେ ସବୁଠାରୁ ବଡ କଥା ହେଲା ଉକ୍ତ ଦୁଇଟି ଗାଁ ଆନ୍ଧ୍ରର ହୋଇ ନ ଥିବା ବେଳେ ମାଲକାନଗିରି ଜିଲାର ପଞ୍ଚାୟତ ତାଲିକାରେ ଗାଁ ଦୁଇଟିର ନାଁ ନାହିଁ। ଓଡିଶା ସୀମାନ୍ତ ରେ ଥିବା ଜୁମଡାଙ୍ଗ ଭଳି କେତେକ ପାହାଡି ଦୁର୍ଗମ ଗ୍ରାମଗୁଡ଼ିକୁ ଆନ୍ଧ୍ର କିଛି ସୁବିଧା ସୁଯୋଗ ଦେଇ ନିଜ ରାଜ୍ୟରେ ସାମିଲ କରିବାର ପ୍ରଚେଷ୍ଟା ଜାରି ରଖିଥିବା ବେଳେ ଏହି ଦୁଇଟି ଗାଁର ନାଁ ଓଡିଶା ତାଲିକାରେ ନ ଥିବା ସମସ୍ତଙ୍କୁ ବିସ୍ମିତ କରିଛି। ଏନେଇ ଧୂଳିପୁଟ ପଞ୍ଚାୟତ ଜନସାଧାରଣ ଜାଣିବା ପରେ ବ୍ଲକ ପ୍ରଶାସନ ଉକ୍ତ ଗ୍ରାମକୁ ଯିବାକୁ ଯୋଜନା କରିଥିବା ଜଣାପଡିଛି।

# ଗିରଫ ହେଲେ ଅଭିଯୁକ୍ତ ମାମୁ

**ଆଦିବାସୀ ଛାତ୍ରୀ ମା' ହେବା ଘଟଣା**

ନାରାୟଣପାଟଣା/କୋରାପୁଟ, ୩୦।୧୧(ଡିଏ.ନ.ଏ./ସ୍ୱ.ପ୍ର.)

ନାରାୟଣପାଟଣା ବ୍ଲକର ଏକ ବାଳିକା ଛାତ୍ରୀନିବାସରେ ଆଦିବାସୀ ଛାତ୍ରୀ ଗର୍ଭବତୀ ହେବା ଘଟଣା ନେଇ ଗତ ୨୮ ତାରିଖରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ଜେନା ଡିସିପିଓଙ୍କ ନିର୍ଦ୍ଦେଶରେ ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ବୁଧବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ରଘୁନାଥ ମାଝି କହିଛନ୍ତି। ଅଭିଯୁକ୍ତଙ୍କୁ ପୋକ୍ସ ଆକ୍ଟରେ ଗିରଫ କରାଯାଇଥିବା ବେଳେ କେସ ନମ୍ବର ୧୦୮/୨୨ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ନାମ କୁନୁ କୁଲେସିକା (୨୨)। ନାବାଳିକା ଜଣକ କେତେ ମାସର ଗର୍ଭବତୀ ହୋଇଛନ୍ତି ତାର ରିପୋର୍ଟ ଆସିବା ପରେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହେବ। ୨୧ ତାରିଖର ଘଟଣା ହୋଇଥିବା ବେଳେ ୨୮ ତାରିଖ ଦିନ କ'ଣ ପାଇଁ ସ୍କୁଲ କର୍ତ୍ତୃପକ୍ଷ ଥାନାରେ ରିପୋର୍ଟ କଲେ। ଏତେଦିନ କ'ଣ ପାଇଁ ଘଣ୍ଟ ଘୋଡାଇ ରଖାଯାଇଥିଲା। ନାବାଳିକାଙ୍କ ଗର୍ଭବତୀ କଥା କିପରି ଦାୟିତ୍ୱରେ ଥିବା ଅଧିକାରୀମାନେ ଜାଣିପାରିଲେ ନାହିଁ। ନାବାଳିକାଙ୍କ ପରିବାର ଲୋକେ ନିଜ ଇଛାରେ ସ୍କୁଲରୁ ଟିସି ନେଲେ ନା ପରିବାର ଉପରେ ଚାପ ପଡିଲା ସେନେଇ ଖୋଳତାଡ ଚାଲିଛି। ତଥ୍ୟ ମିଳିବା ପରେ ତଦନ୍ତ ପ୍ରକ୍ରିୟା ଆଗେଇବ ବୋଲି ଥାନା ଅଧୀକାରି ରଘୁନାଥ ମାଝି କହିଛନ୍ତି।

ଅନ୍ୟପକ୍ଷରେ ଗିରଫ ହୋଇଥିବା ଅଭିଯୁକ୍ତ କୁନୁଙ୍କ ଘର ନାବାଳିକାଙ୍କ ଗ୍ରାମରେ। ସମ୍ପର୍କରେ ସେ ନାବାଳିକାଙ୍କ ମାମୁଁ ହେବେ। ପରିବାର ବର୍ଗ କହିବା ନୁସାରେ ତିନି ବର୍ଷ ତଳେ ଦୁଇ ପରିବାର ପୁଅ ଝିଅଙ୍କୁ ବାହା କରିବାକୁ ଆଦିବାସୀ ପରମ୍ପରାରେ ରାଜି ହୋଇଥିଲେ। ଝିଅ ସ୍କୁଲ ଛୁଟିରେ ଘରକୁ ଆସି ଗାଁରେ ରହି ପୁଣି ସ୍କୁଲକୁ ପାଠ ପଢ଼ିବାକୁ ଯାଉଥିଲେ। ଚଳିତ ୨୧ ତାରିଖ ଦିନ ଝିଅ ଗର୍ଭବତୀ ହୋଇଥିବା ସ୍କୁଲ କର୍ତ୍ତୃପକ୍ଷ କହିବା ପରେ ଦୁଇ ପରିବାର ସ୍କୁଲକୁ ଆସି ଲିଖିତ ଆକାରରେ ଅନୁରୋଧ ପତ୍ର ଦେଇ ଝିଅକୁ ଘରକୁ ନେଇଯାଇଥିଲେ। ଘଟଣା ନେଇ ଟୋଲ ଫ୍ରି ନମ୍ବରରେ କେହିଜଣେ ଡିସିପିଓ ରାଜଶ୍ରୀ ଦାସଙ୍କୁ ଜଣାଇଥିଲେ। ପରେ ଏକ ଟିମ୍ ୨୮ ତାରିଖ ଦିନ ସ୍କୁଲକୁ ଆସି ଘଟଣାର ସତ୍ୟତା ବୁଝିଥିଲେ। ଗାଁକୁ ଯାଇ ପରିବାର ବର୍ଗ ସହ ଆଲୋଚନା କରିଥିଲେ। ଡିସିପିଓଙ୍କ ନିର୍ଦ୍ଦେଶରେ ଥାନାରେ ସ୍କୁଲ ପ୍ରଧାନ ଶିକ୍ଷକ ଏତଲା ଦେଇଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

ମାଥିଲି,୩୦।୧୧(ଡି.ଏନ୍.ଏ.): ଧାନ କାଟିବା ସମୟରେ ଧାନ ବିଲରେ ଏକ ବିଷଧର ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ମାଥିଲି ଥାନା ମୁଣ୍ଡାଗୁଡ଼ା ନିକଟସ୍ଥ ମହୁପଦର ଗ୍ରାମ ଗଣ୍ଡିଆ ସାହିର ଦୁଲା ମାଡ଼ି (୩୭)। ମଙ୍ଗଳବାର ଦୁଲା ଓ ତାଙ୍କ ସ୍ତ୍ରୀ ମଧ୍ୟାହ୍ନଭୋଜନ ପରେ ନିଜ ଧାନବିଲକୁ ଧାନ କାଟିବା ପାଇଁ ଯାଇଥିଲେ। ଉଭୟେ ଧାନ କାଟୁଥିବା ବେଳେ ଦୁଲାଙ୍କୁ ସାପ କାମୁଡ଼ି ଦେଇଥିଲା। ଦୁଲା ଏ ବିଷୟରେ ସ୍ତ୍ରୀଙ୍କୁ କହିଥିଲେ। ଘରେ ପହଞ୍ଚିବା ବେଳକୁ ଦୁଲାଙ୍କର ମୃତ୍ୟୁ ହୋଇସାରିଥିଲା। ପରିବାର ଲୋକେ ଏ ବିଷୟରେ ମାଥିଲି ଥାନାକୁ ଲିଖିତ ଭାବେ ଜଣାଇଥିଲେ। ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକ କର୍ତ୍ତନପାଲ୍ଲୀ ଫାଣ୍ଡି ଅଧିକାରୀ ଏଏସ୍ଆଇ ଅନୀଲ ମିଶ୍ର ଓ ଅନ୍ୟ କର୍ମଚାରୀଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ଲାଗି ବ୍ୟବସ୍ଥା କରିଥିଲା। ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରୁ ଆମ୍ବୁଲାନ୍ସ ଆସି ମୃତଦେହ ବ୍ୟବଚ୍ଛେଦ ପାଇଁ ମାଥିଲି ନେଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### କଲେଜ ଅଧକ୍ଷାଙ୍କ ଘରୁ ଚୋରି

କୋଟପାଡ଼,୩୦।୧୧ (ଡି.ଏନ୍.ଏ.): କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳରେ ଦିନକୁ ଦିନ ଚୋରି ଡକାୟତି ବଢ଼ିବାରେ ଲାଗିଛି। ସୋମବାର ରାତିରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏଟିଏମ୍ ତାଡ଼ି ଲୁଟ ଉଦ୍ୟମ ହୋଇଥିବା ବେଳେ ସେହିଦିନ ଜାତୀୟ ରାଜପଥ ପାର୍ଶ୍ୱ ବନ ବିଭାଗ କାର୍ଯ୍ୟାଳୟ ପଛପାର୍ଶ୍ୱରେ ରହୁଥିବା କୋଟପାଡ଼ କଲେଜ ଅଧକ୍ଷା ରେଣୁକା ଦାସଙ୍କ ଘରୁ ଚୋରି ହୋଇଥିବା ଜଣାପଡ଼ିଛି। ଅଧକ୍ଷା କୌଣସି କାର୍ଯ୍ୟରେ ସୁନାବେଡ଼ା ଯାଇଥିଲେ। ସକାଳୁ ଫେରି ତାଙ୍କ ଘରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଚୋରମାନେ ଘର ମୁଖ୍ୟଦ୍ୱାର ତାଲା ଭାଙ୍ଗି ଚୋରି କରିଛନ୍ତି। ଆଲମାରୀ ତାଡ଼ି ସେଥିରୁ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଓ ସୁନାଗହଣା ଚୋରିକରି ନେଇଛନ୍ତି। ଏନେଇ ସେ କୋଟପାଡ଼ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସହର ଓ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରିଛି। ବୁଧବାର ବୋରିଗୁମ୍ମା ଏସ୍ଡିପିଓ ମଧୁସ୍ମିତା ମିଶ୍ର ଓ କୋଟପାଡ଼ ଥାନା ଅଧିକାରୀ ଶେଷଦେବ ବେହେରା ଘଟଣାସ୍ଥଳରେ ଅନୁଧାନକରି କୋରାପୁଟରୁ ଡଗ୍ ସ୍କ୍ୱାଡ୍ ଆଣି ତଦନ୍ତକୁ ତ୍ୱରାନ୍ୱିତ କରିଛନ୍ତି।

### କେନ୍ଦ୍ରୀୟ ଟିମ୍‌ର ଏଫସିଆଇ ଗୋଦାମ ଯାଞ୍ଚ

ଜୟପୁର, ୩୦।୧୧ (ନି.ପ୍ର.): ଏଫସିଆଇ ନୂଆଦିଲ୍ଲୀ କେନ୍ଦ୍ର ପ୍ରଭାରି ଅଧିକାରୀ ଅଶୋକ କେ.କେ ମିନା ବୁଧବାର କୋରାପୁଟ ଜିଲା ଗସ୍ତରେ ଆସି ଜୟପୁର ଏୟାର ପୋର୍ଟରେ ପହଞ୍ଚିଥିଲେ। ଜିଲାପାଳ ଆବଦୁଲ୍ଲ ମହମ୍ମଦ ଆକ୍ତର, ଜିଲା ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡାଙ୍କ ସହ ଏଫସିଆଇ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ କେନ୍ଦ୍ର ପ୍ରଭାରି ଅଧିକାରୀ ମିନା ଏଫସିଆଇର ଉମୁରିସ୍ଥିତ ଗୋଦାମ ଯାଞ୍ଚ କରିଥିଲେ।

### ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଗିରଫ

ଜୟପୁର, ୩୦।୧୧ (ନି.ପ୍ର.): ବିବାହ ପ୍ରୋଲଭନ ଦେଖାଇ ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ନେଇ ଅଭିଯୋଗ ସ୍ଥାନୀୟ ମହିଳା ଥାନାରେ ହୋଇଛି। ଏହାକୁ ଆଧାର କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବି.ସିଂପୁର ଥାନା ଲାଠିଗୁଡ଼ା ଗ୍ରାମର ପର୍ଶୁରାମ ପେଣ୍ଡିଆ (୨୫)। ଖବରରୁ ଜଣାପଡିଛି, ବୋରିଗୁମ୍ମା ବ୍ଲକ ଅଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ପର୍ଶୁରାମ ବଳାତ୍କାର କରିଥିଲେ। ପରେ ତାଙ୍କୁ ବିବାହ କରିବାକୁ ପର୍ଶୁରାମ ମନା କରି ଦେଇଥିଲେ। ଏହାକୁ ନେଇ ଗ୍ରାମରେ ବୈଠକ ମଧ ବସିଥିଲା। ମାତ୍ର ଏଠାରେ କିଛି ସମାଧାନ ହୋଇପାରି ନ ଥିଲା। ଶେଷରେ ଯୁବତୀ ଜଣକ ମହିଳା ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ପୋଲିସ ୧୩୨/୨୨ରେ ମାମଲା ରୁଜୁ କରି ତଦନ୍ତ କରି ପର୍ଶୁରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

### ଚେକ୍ ବାଉନ୍ସ ମାମଲାରେ ବାପା ପୁଅ ଗିରଫ

ଜୟପୁର, ୩୦।୧୧ (ନି.ପ୍ର.): ଏକ ଚେକ୍ ବାଉନ୍ସ ମାମଲାରେ ବାପ ଓ ପୁଅଙ୍କୁ ଗିରଫ କରିଛି ଜୟପୁର ଟାଉନ ଥାନା ପୋଲିସ। ଗିରଫ ଦୁଇ ଅଭିଯୁକ୍ତ ହେଲେ ନାଗେଶ୍ୱର ମହାରଣା ଓ ସତିଶ ମହାରଣା। ଚେକ ବାଉନ୍ସ ନେଇ ଗତ ୨୦୨୧ରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ଏହାର ତଦନ୍ତ ଚଳାଇଥିଲା। ବୁଧବାର ପୋଲିସ କୁମ୍ଭାରସାହି ଲକ୍ଷ୍ମୀ ନଗରରୁ ବାପପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଜବରଦଖଲ ଉଚ୍ଛେଦରେ ବିଭାଗ ଚୁପ୍

## ରାଜସ୍ୱ ବିଭାଗ ସହଯୋଗ କରୁନି: ପୌର ନିର୍ବାହୀ ଅଧିକାରୀ

ସୁନାବେଡା/ସେମିଳିଗୁଡା, ୩୦।୧୧ (ସ୍ୱ.ପ୍ର.)

ସୁନାବେଡା ଓ ସେମିଳିଗୁଡା ଅଞ୍ଚଳରେ ଦିନକୁ ଦିନ ବଢିଚାଲିଛି ସରକାରୀ ଜମି ଜବର ଦଖଲ । ଗତ କିଛି ବର୍ଷ ଭିତରେ ଯେଉଁ ସବୁ ସରକାରୀ ଅଞ୍ଚଳ ଖାଲି ପଡିଥିଲା ସେହି ଜାଗାରେ ପକ୍କାଘର ନିର୍ମାଣ ହେଉଥିବା ଦେଖିବାକୁ ମିଳୁଛି। ଅକ୍ଟୋବର ଓ ନଭେମ୍ବର ମାସରେ ଏ ସମ୍ପର୍କରେ ଗଣମାଧମରେ ଖବର ପ୍ରକାଶ ପରେ ମଧ ପ୍ରଶାସନର ତତ୍ପରତା ଦେଖିବାକୁ ମିଳୁନାହିଁ। ଏଥିରୁ ବିଭାଗୀୟ ଅଧିକାରୀ ସମ୍ପୃକ୍ତ ଜବରଦଖଲକାରୀଙ୍କୁ ସହାୟତା କରୁଥିବା ସ୍ପଷ୍ଟ ହେଉଛି। କିଛି ଦିନ ତଳେ ସେମିଳିଗୁଡା ତହସିଲଦାର ଜ୍ୟୋତିରାଣୀ ରଥଙ୍କୁ ଏନେଇ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେ ଜବରଦଖଲ ଉଚ୍ଛେଦ ଲାଗି ୩ଟି ସ୍କ୍ୱାର୍ଡ ଗଠନ କରାଯାଇଛି। ସେମାନେ ପ୍ରତିଦିନ ଜବର ଦଖଲ ଉଚ୍ଛେଦ କରୁଛନ୍ତି। ଖୁବ୍ ଶୀଘ୍ର ଏଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ। ମାତ୍ର ତହସିଲଦାରଙ୍କ ମନ୍ତବ୍ୟ ସମୟକ୍ରମେ ଗୁରୁତ୍ୱ ହରାଇଛି। ୧୮ନଂ ୱାର୍ଡର ସେମିଳିଗୁଡା ପାଣି ଟ୍ୟାଙ୍କକୁ ଯିବା ରାସ୍ତା ପାର୍ଶ୍ୱରେ ଜବରଦଖଲକାରୀଙ୍କ ଯେଉଁ କଚ୍ଚା ଘର ରହିଥିଲା ତାହା ଏବେ ପକ୍କା ଘରରେ ପରିଣତ ହେବାକୁ ଯାଉଛି। ଯଦି ଏହାକୁ ଉଚ୍ଛେଦ କରାଯାଇଥାନ୍ତା ତେବେ ସମ୍ପୃକ୍ତ ବ୍ୟକ୍ତି କଚ୍ଚା ଘରକୁ ପକ୍କା ଘରରେ ପରିଣତ କରିବା ଲାଗି ସୁଯୋଗ ପାଇ ନ ଥାନ୍ତେ ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଗୋବିନ୍ଦ ଦନସେନାଙ୍କୁ ପଚାରିବାରୁ ସେ କହିଲେ, ସରକାରୀ ଜମିଗୁଡିକୁ ଚିହ୍ନଟ କରିବା ତାଙ୍କ ପକ୍ଷେ କଷ୍ଟକର ବ୍ୟାପାର। ପୌର ପ୍ରଶାସନ ପକ୍ଷରୁ ରାଜସ୍ୱ ବିଭାଗ ଅଧିକାରୀଙ୍କୁ ଏନେଇ ଅବଗତ କରିଥିଲେ ମଧ ସମ୍ପୃକ୍ତ ବିଭାଗ ସହଯୋଗ କରିନାହାନ୍ତି। ଯଦି ବିଭାଗ ସହଯୋଗ କରନ୍ତି ତେବେ ଜବର ଦଖଲକାରୀଙ୍କ ବିରୋଧରେ ଉଚିତ୍ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, କୋଟି କୋଟି ଟଙ୍କାର ସରକାରୀ ଜମିକୁ କେତେଜଣ ଜମି ବ୍ୟବସାୟୀ ବିଭାଗୀୟ କେତେ ଜଣ କର୍ମଚାରୀଙ୍କ ସହାୟତାରେ ହଡପ କରି ଉଚ୍ଚ ଦରରେ ଲୋକଙ୍କୁ ବିକ୍ରି କରୁଛନ୍ତି।



ସରକାରୀ ଜମି ଜବରଦଖଲ କରି କରାଯାଇଥିବା ଘର।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

## ୨୬ ବସ୍‌ପାସ୍, ୧୭ ଆୟ ପ୍ରମାଣପତ୍ର ପାଇଲେ

କୁନ୍ଦୁରା,୩୦।୧୧ (ଡି.ଏନ.ଏ.)

କୁନ୍ଦୁରା ବ୍ଲକ ପରିସରରେ ମଙ୍ଗଳବାର ଦିବ୍ୟାଙ୍ଗଜନଙ୍କ ପାଇଁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗ ଭଉଣୀଭାଇମାନଙ୍କୁ ଚିହ୍ନଟକରି ସେମାନଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ଯୋଗାଇଦେବା ଏବଂ ସମସ୍ତ ସରକାରୀ ସୁବିଧାରେ ନାମ ପଞ୍ଜୀକରଣ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଶିବିରରେ ୧୬୪ଜଣ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ଦୃଷ୍ଟିବାଧିତ ୨୨, ମୂକ ଓ ବଧିର ୩୪, ଅସ୍ଥିଶଲ୍ୟ ୮୧, ମାନସିକ ରୋଗୀ ୧୭ ଏବଂ ସିକଲସେଲ୍ ୧୦ଜଣ ଥିଲେ। ଏହାବ୍ୟତୀତ ବସ୍‌ପାସ୍ ୨୬ଟି ଏବଂ ଆୟ ପ୍ରମାଣପତ୍ର ୧୭ଟି ଶିବିରରେ ପ୍ରଦାନ କରାଯାଇଥିଲା। ଶିବିରରେ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ବିଶେଷଜ୍ଞମାନେ ଭିନ୍ନକ୍ଷମମାନଙ୍କୁ ପରୀକ୍ଷା ନିରୀକ୍ଷା କରି ପ୍ରମାଣପତ୍ର ପ୍ରଦାନ ଲାଗି ଅନୁମୋଦନ କରିଥିଲେ। ଶିବିରରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ରାଜେଶ୍ୱରୀ ପରଜା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ଉପସଭାପତି ରାଧାବିନୋଦ ସାମନ୍ତରାୟ, ବ୍ଲକ ଉପାଧକ୍ଷା ତରୁଣୀସେନ ବିଶୋୟୀ, ଜିଲା ପରିଷଦ ସଭ୍ୟ କନକଲତା ପେଣ୍ଟିଆ, ତହସିଲଦାର ଆୟୁବ ମଣ୍ଡଳ ଉପସ୍ଥିତ ଥିଲେ। ବସନ୍ତ ଭୋଳ, ଶିବିର ପରିଚାଳନା କରିଥିଲେ। ଏଥିରେ ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର, ଶିକ୍ଷା ବିଭାଗ, ମହିଳା ଓ ଶିଶୁ କଲ୍ୟାଣ ବିକାଶ ବିଭାଗ, ରାଜସ୍ୱ ବିଭାଗ, ରାଜ୍ୟ ପରିବହନ ବିଭାଗ, ସମସ୍ତ ସରପଞ୍ଚ, ସମିତି ସଭ୍ୟ, ସ୍ରେଡ୍ ବେସରକାରୀ ସଂସ୍ଥାର ସ୍ୱେଚ୍ଛାସେବୀ, କୁନ୍ଦୁରା ମହାବିଦ୍ୟାଳୟର ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ଓଡ଼ିଶୀ, ଆଦିବାସୀ ନୃତ୍ୟରେ ମନ ମୋହିଲେ ଛାତ୍ରୀଛାତ୍ର

## ପୌର ପରିଷଦସ୍ତରୀୟ ପରବ ନେଇ ସାଂସ୍କୃତିକ ପ୍ରତିଯୋଗିତା



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ଏବଂ ଉପସ୍ଥିତ କାଉନ୍‌ସିଲରମାନେ।

କୋରାପୁଟ,୩୦।୧୧(ସ୍ୱ.ପ୍ର.)

କୋରାପୁଟ ପୌର ପରିଷଦସ୍ତରୀୟ ପରବ ଉପଲକ୍ଷେ ମ୍ୟୁନିସିପାଲିଟି ଅଡିଟୋରିୟମଠାରେ ଦୁଇ ଦିନ ଧରି ଚାଲିଥିବା ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରଥମ ଦିନ ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ କ୍ରୀଡା ପ୍ରତିଭା ଏପରି ପ୍ରତିଯୋଗିତା ଦ୍ୱାରା ଲୋକଲୋଚନକୁ ଆସିପାରୁଛି ବୋଲି ସେଠୀ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର ଯୋଗଦେଇ ପରବ ଦ୍ୱାରା ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରା ଭବିଷ୍ୟତ ବଂଶଧର ପାଇଁ ଉଜ୍ଜିବିତ ହୋଇପାରୁଛି ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଓଡିଶୀ ନୃତ୍ୟ ସହ ବିଭିନ୍ନ ଆଦିବାସୀ ନୃତ୍ୟ ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲେ। ସେହିପରି ଉଦ୍‌ଯାପନୀ ଦିବସରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଦିବାସୀ ସଙ୍ଗୀତ, ବାଦ୍ୟ, ମହୁରି ପ୍ରତିଯୋଗିତା ହୋଇଥିଲା। ଏଥିରେ ପୌର ପରିଷଦର ସମସ୍ତ ଅଧିକାରୀ , ସମସ୍ତ କାଉନସିଲର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସିଏମ୍ୟୁ ଶଶିକାନ୍ତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

# ଜିଲାର ମତ୍ସ୍ୟ,ପ୍ରାଣୀ ସମ୍ପଦ ବିକାଶ କାର୍ଯ୍ୟ ସମୀକ୍ଷା

ମାଲକାନଗିରି, ୩୦।୧୧ (ଡି.ଏନ୍.ଏ.)

କୃଷି ସହିତ ପ୍ରାଣୀ ପାଳନ ଅଙ୍ଗାଙ୍ଗୀ ଭାବେ ଜଡିତ । ପ୍ରାଣୀ ପାଳନ ଚାଷୀମାନଙ୍କ ଆୟ ବୃଦ୍ଧି ଓ ଗ୍ରାମାଞ୍ଚଳର ଆର୍ଥିକ ବିକାଶରେ ସହାୟକ ହୋଇଥାଏ। ରାଜ୍ୟ ସରକାର ମଧ ବିଭିନ୍ନ ରିହାତି ଦେଇ ପ୍ରାଣୀ ପାଳନକୁ ପ୍ରୋତ୍ସାହିତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ କମିଶନର ତଥା ସଚିବ ସୁରେଶ ବଶିଷ୍ଠ ଦିନିକିଆ ମାଲକାନଗିରି ଜିଲା ଗସ୍ତରେ ଆସି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ନେଇ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ରାଜ୍ୟରେ ଉନ୍ନତ ପ୍ରଜାତିର ପ୍ରାଣୀ ପାଳନ ଲାଗି ଆକର୍ଷଣୀୟ ରିହାତି ପ୍ରଦାନ ବ୍ୟବସ୍ଥା ରହିଛି। ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ଯେପରି ଠିକ୍ ସମୟରେ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରିବ ସେନେଇ ସେ କ୍ଷେତ୍ର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରତି ଜିଲା ପାଇଁ ଥିବା ଧାର୍ଯ୍ୟଲକ୍ଷ୍ୟ ସମୟସୀମା ମଧ୍ୟରେ ପୂରଣ ପାଇଁ କହିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ରତ୍ନାକର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ରଥମ ପର୍ଯ୍ୟାୟ ଆପଦ ମିତ୍ର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ଅତିରିକ୍ତ ଜିଲାପାଳ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ଦେଉଛନ୍ତି।

କୋରାପୁଟ,୩୦।୧୧(ସ୍ୱ.ପ୍ର.)

କୋରାପୁଟସ୍ଥିତ କୋଟସ ସଭାଗୃହରେ ଚାଲିଥିବା ପ୍ରଥମ ପର୍ଯ୍ୟାୟ ଆପଦ ମିତ୍ର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ସହାୟତାରେ ଓ ଜରୁରିକାଳୀନ ବିଭାଗ ଆନୁକୂଲ୍ୟରେ ଗତ ୧୮ରୁ ଏହି ୧୨ ଦିନିଆ ଶିବିର ଆରମ୍ଭ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବିଡିଓ ତଥା ଭାରପ୍ରାପ୍ତ ଉପଜିଲାପାଳ ନରେନ୍ଦ୍ର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ ଦ୍ୱାରା ଗ୍ରାମାଞ୍ଚଳରେ ଆପଦ ବିପଦ ସମୟରେ ଏହି ସ୍ୱେଚ୍ଛାସେବୀମାନେ ସେମାନେ ସହଜରେ ବିପଦକୁ ପ୍ରତିହତ କରାଇପାରିବେ ବୋଲି ନାୟକ ପ୍ରକାଶ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଜିଲାର ୧୪ଟି ବ୍ଲକରୁ ୪୦ ଜଣ ଯୁବତୀ ଯୁବକ ପ୍ରଶିକ୍ଷଣ ନେଇଥିଲେ। ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ଜିଲାରୁ ୩୨୦ ଜଣ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ପ୍ରଦାନ ନେଇ ଲକ୍ଷ୍ୟ ରଖାଯାଇଥିବା ଜିଲା ଜରୁରୀ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। କୋରାପୁଟ ଓଡ୍ରାଫର ରାଜେଶ ସାହୁ, ସନ୍ତୋଷ ପଣ୍ଡା ଆଲୋକ ପାଣି, ବେସାମରିକ ପ୍ରତିରକ୍ଷା ବାହିନୀର ସୀମାଞ୍ଚଳ କୁଣ୍ଡୁ, ବସନ୍ତ ପଟ୍ଟନାୟକ, ତାପସ ମଲ୍ଲିକ, ଅଗ୍ନିଶମ ବିଭାଗର ସରୋଜ ମହାପାତ୍ର, ଦୀନେଶ ପ୍ରତାପ ସିଂହ ପ୍ରମୁଖ ପ୍ରଶିକ୍ଷକ ଭାବେ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ଦେଇଥିଲେ।

# ସ୍ୱତନ୍ତ୍ର ଉନ୍ନୟନ ସଚିବ, ଏଆର୍‌ଡି ସଚିବଙ୍କ ମାଲକାନଗିରି ଗସ୍ତ



ମାଲକାନଗିରି ଇନ୍‌ଡୋର ଷ୍ଟାଡିୟମ କାର୍ଯ୍ୟ ବୁଲି ଦେଖୁଛନ୍ତି ସଚିବ।

ମାଲକାନଗିରି/ଜୟପୁର, ୩୦।୧୧ (ଡି.ଏନ୍.ଏ./ନି.ପ୍ର.)

ସ୍ୱତନ୍ତ୍ର ଉନ୍ନୟନ ସଚିବ ବୀରବିକ୍ରମ ଯାଦବ ଓ ରାସ୍ତା ଓ ଗୃହ ନିର୍ମାଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ସଚିବ ସୁରେଶ ବଶିଷ୍ଠ ବୁଧବାର ମାଲକାନଗିରି ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉଭୟ ଅଧିକାରୀ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ମାଲକାନଗିରି ଏମ୍‌ଭି-୩ ସ୍ଥିତ ବିଏସ୍ଏଫ୍ କ୍ୟାମ୍ପ ପରିସରରେ ପହଞ୍ଚିବା ପରେ ସେଠାରେ ଜିଲାପାଳ ବିଶାଲ ସିଂ, ଆରକ୍ଷୀ ଅଧୀକ୍ଷକ ନୀତୀଶ ୱାଧ୍ୱାନୀ, ଖଣ୍ଡୀୟ ବନାଧିକାରୀ ପ୍ରତାପ କତାପାଲ୍ଲି ସେମାନଙ୍କୁ ସ୍ୱାଗତ କରିଥିଲେ। ପରେ ସେଠାରୁ ୨ ସଚିବ ନିର୍ମାଣାଧୀନ ଏୟାରଷ୍ଟ୍ରିପ୍ ପରିଦର୍ଶନ କରିଥିଲେ। ନିର୍ମାଣାଧୀନ ଏୟାରଷ୍ଟ୍ରିପ୍‌ର କାର୍ଯ୍ୟ କିପରି ଚାଲିଛି, କେତେଦୂର ଅଗ୍ରଗତି ହୋଇଛି ସେ ନେଇ ଉଭୟେ ବୁଲି ଦେଖିଥିଲେ। ପରେ ନିର୍ମାଣାଧୀନ ଇନ୍‌ଡୋର ଷ୍ଟାଡିୟମ, କୋଭିଡ୍ ଚିକିତ୍ସାଳୟ ପରିଦର୍ଶନ କରିବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଥିଲେ। କାର୍ଯ୍ୟ ସାରି ଉଭୟେ ହେଲିକପ୍ଟର ଯୋଗେ ଅପରାହ୍ନରେ ଭୁବନେଶ୍ୱର ଫେରିଯାଇଥିଲେ।

ସେହିପରି ଜୟପୁର ଠାରେ ପୂର୍ତ୍ତ ସଚିବ ବୀରବିକ୍ରମ ଯାଦବଙ୍କ ସମେତ ଏଫ୍ ଆଣ୍ଡ ଏଆର୍‌ଡି କମିଶନର ସୁରେଶ ବିଶିଷ୍ଟ, ମୁଖ୍ୟଯନ୍ତ୍ରୀ ତାରା ମିଶ୍ର ଏୟାରପୋର୍ଟ କର୍ଯ୍ୟ ସମୀକ୍ଷା କରିଥିଲେ। ଏହି ସମୟରେ ଏସ୍ଇ ଭାସ୍କର ସାମନ୍ତରାୟ, ଏସ୍‌ଡିଓ ସୋମନାଥ ତ୍ରିପାଠୀ, ଅଶିଷ ଗୁପ୍ତା, ଏସ୍‌ଡିପିଓ ଅରୁପ ଅଭିଷେକ ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଏସ୍ଏଫ୍ ପକ୍ଷରୁ ଜନସମ୍ପର୍କ ଅଭିଯାନ

କୁଡୁମୁଲୁଗୁମ୍ମା, ୩୦।୧୧ (ଡି.ଏନ.ଏ.)




ଜନସମ୍ପର୍କ ଶିବିରରେ ସାମିଲ ହୋଇଥିବା ଯୁବକମାନେ।

କୁଡୁମୁଲୁଗୁମ୍ମାସ୍ଥିତ ୧୫୧ ବିଏସ୍ଏଫ୍ ବାଟାଲିୟନ ପକ୍ଷରୁ ଚିଲିପଦର ଗ୍ରାମରେ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଏସ୍ଏଫ୍ ବାଟାଲିୟନର କମାଣ୍ଡାଣ୍ଟ ରବୀନ୍ଦ୍ର ଠକ୍କର, କମ୍ପାନୀ କମାଣ୍ଡର ନୀରଜ ଶର୍ମା, ଇନ୍ସପେକ୍ଟର ଯଶୋବନ୍ତ ସାମଲ, କୁଡୁମୁଲୁଗୁମ୍ମା ସରପଞ୍ଚ ମଙ୍ଗଳା ମାଡ଼ୀ, ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ, ଶିକ୍ଷକ କାଳନ୍ଦୀ ଚରଣ ରାଉତ, ସାମାଜିକ କର୍ମୀ ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅଞ୍ଚଳର ସୁରକ୍ଷା ସହିତ ଗ୍ରାମାଞ୍ଚଳରେ ବସବାସ କରୁଥିବା ଆଦିବାସୀ ସମୂହଙ୍କ ଅଭିବୃଦ୍ଧି ପାଇଁ ବିଏସ୍ଏଫ୍ କାର୍ଯ୍ୟ କରି ଲୋକଙ୍କ ସହ ଯୋଡ଼ି ହେଉଛି ବୋଲି କମାଣ୍ଡାଣ୍ଟ ଠକ୍କର କହିଥିଲେ। ଚିଲିପଦର ଓ ଏହାର ଆଖପାଖ ଅଞ୍ଚଳରୁ ଶତାଧିକ ମହିଳାପୁରୁଷ ଓ ଛାତ୍ରୀଛାତ୍ରୀମାନେ ଯୋଗଦେଇଥିଲେ। ଏହି ଅବସରରେ ବିଏସ୍ଏଫ୍ ପକ୍ଷରୁ ଶତାଧିକ ଚାଷୀଙ୍କୁ କୋଡ଼ି,ଦାଆ,ଖୁରପା ପ୍ରଦାନ କରାଯାଇଥିଲା। ଯୁବକମାନଙ୍କୁ ଭଲିବଲ, ଫୁଟ୍‌ବଲ, ରିଙ୍ଗବଲ, କ୍ରିକେଟ ଉପକରଣ ଓ ଟି ଶାର୍ଟ ପ୍ରଦାନ କରାଯାଇଥିଲା। ଗ୍ରାମରେ ଥିବା ଏକ ପ୍ରାଥମିକ ବିଦ୍ୟାଳୟର ପିଲାଙ୍କ ଖେଳିବା ପାଇଁ ମଧ କ୍ରୀଡ଼ା ଉପକରଣ ପ୍ରଦାନ କରାଯାଇଥିଲା।

# ଆମ ପୋଲିସ ସମିତି ବୈଠକ

ଜୟପୁର, ୩୦।୧୧ (ନି.ପ୍ର.)

ଜୟପୁର ସଦର ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ଉପସ୍ଥିତ ରହି ସାଇବର ଠକେଇ ପ୍ରତି ସତର୍କ ରହିବା, ସନ୍ଦିଗ୍ଧ ଲୋକଙ୍କୁ ଦେଖିଲେ ପୋଲିସକୁ ସୂଚନା ଦେବା, ଗଡି ଚଲାଇବା ବେଳେ ହେଲାମେଟ୍ ପିନ୍ଧିବା, ଅଜଣା ଲୋକର କଲ ଆସିଲେ କୌଣସି ଗୁରୁତ୍ୱପୂର୍ଣ୍ଣ ନମ୍ବର ଓ ତଥ୍ୟ ନଦେବା, ଓଟିପି ନମ୍ବର କାହାକୁ ନ ଦେବାକୁ ପରାର୍ମ ଦେଇଥିଲେ। ଉପସ୍ଥିତ ସ୍ଥାନୀୟ ବୁଦ୍ଧିଜୀବୀମାନେ ଚୋରା ମଦ କାରବାରକୁ ରୋକିବା, ସନ୍ଧ୍ୟା ସମୟରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ସଦର ଅଞ୍ଚଳର ବୁଦ୍ଧୀଜୀବୀ ନବୀନ ଟପୋ, ରାଜ କିଶୋର ବାରିକ, ବାସନ୍ତୀ ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ଜନସାଧାରଣଙ୍କୁ ସଚେତନ କରାଯାଉଛି।

# ୫ ବର୍ଷ ହେଲା ସରୁନି ଅଙ୍ଗନୱାଡି ଗୃହ ନିର୍ମାଣ

ଦଶମନ୍ତପୁର, ୩୦।୧୧ ( ଡି.ଏନ.ଏ )



ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ଅଙ୍ଗନୱାଡି ଗୃହ।

- ଗୃହ ଛାତରେ ଗଛ ଉଠିଲାଣି
- ବାରମ୍ବାର ଜଣାଇ ଶୁଣୁନି ପ୍ରଶାସନ
- ଠିକାଦାର କାମ ଛାଡ଼ି ଦେଇଛନ୍ତି: କନିଷ୍ଠଯନ୍ତ୍ରୀ

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପୋଡ଼ାଗଡ଼ ପଞ୍ଚାୟତର ଡୁମୁରିଗୁଡ଼ା ଗ୍ରାମରେ ୫ ବର୍ଷ ହେଲା ଅଙ୍ଗନୱାଡ଼ି କେନ୍ଦ୍ର ଅଧ ପନ୍ତରିଆ ହୋଇପଡ଼ିଛି। ଏହାର ନିର୍ମାଣ କାର୍ଯ୍ୟ ୨୦୧୭ରେ ଆରମ୍ଭ ହୋଇଥିଲା। ଏଥିପାଇଁ ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ୫ ବର୍ଷ ହେବ ନିର୍ମାଣ କାର୍ଯ୍ୟ ସରୁ ନ ଥିବାରୁ ଏବେ ଛାତ ପଡ଼ି ଅଧାରେ ଅଟକି ରହିଛି। ଛାତ ଉପରେ ଅନାବନା ଗଛ ଉଠିଲାଣି। ଏନେଇ ଆମେ ଜିଲା ପ୍ରଶାସନକୁ ବାରମ୍ବାର ଅବଗତ କରାଇଥିଲେ ମଧ କିଛି ସୁଫଳ ମିଳିନାହିଁ ବୋଲି କହନ୍ତି ଗ୍ରାମର ଅଭି ସାଉଁନ୍ତା, ନିର ସାଉଁନ୍ତା, ଦାନ ସାଉଁନ୍ତା, ଗୁରୁନାଥ ସାଉଁନ୍ତା, ଚିତ୍ରୁ ଜାନି, ଶିବ ସାଉଁନ୍ତା। ଅଙ୍ଗନୱାଡି ଗୃହ ନ ଥିବାରୁ ଅଙ୍ଗନୱାଡି କର୍ମୀ ଜଣକ ଗ୍ରାମର ବିଭିନ୍ନ ଲୋକଙ୍କ ଘର ପିଣ୍ଡାରେ ଅବା କେବେ ଗାଁ ମଣ୍ଡପରେ ବସାଇ ଶିକ୍ଷା ଦେଉଛନ୍ତି। ଆବଶ୍ୟକ ଗୃହ ନ ଥିବାରୁ ଆମ ପିଲାମାନେ ଆବଶ୍ୟକ ଶିକ୍ଷା ସହ ଖେଳକୁଦ, ନାଚଗୀତ କରିବାରୁ ବଞ୍ଚିତ ହେଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସନ୍ତୋଷ ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ, କାର୍ଯ୍ୟ କରୁଥିବା ଠିକାଦାର ଏଭଳି ଅର୍ଦ୍ଧନିର୍ମିତ ଅବସ୍ଥାରେ କାମ ଛାଡ଼ି ଦେଇଛନ୍ତି। ସେ ଖୁବ୍ ଶୀଘ୍ର ଅନ୍ୟ ଠିକାଦାରଙ୍କୁ ଦାୟିତ୍ୱ ଦେଇ ଅଙ୍ଗନୱାଡି ଗୃହ କାର୍ଯ୍ୟ ଶେଷ କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି।

# ମିଥ୍ୟା ତଥ୍ୟରେ ଚାଷୀଙ୍କ ନାମ ପଞ୍ଜୀକରଣ

- ୧୭୫୧୨ ଜମିରେ ହୋଇନି ଧାନଚାଷ
- ସାଟେଲାଇଟ୍ ସର୍ଭେରୁ ସ୍ପଷ୍ଟ
- ସନ୍ଦେହରେ ରାଜସ୍ୱ, ଲାମ୍ପ୍ସ କର୍ମଚାରୀଙ୍କ ଭୂମିକା

ରାୟଗଡ଼ା ଅଫିସ,୩୦।୧୧

ରାଜ୍ୟରେ ଖରିଫ୍ ଋତୁ ପାଇଁ ଚାଷୀ ପଞ୍ଜୀକରଣ କରାଯାଇଥିଲା। ହେଲେ ଏଥିରେ ବେଆଇନ୍ ତଥା ମିଥ୍ୟା ପଞ୍ଜୀକରଣ କରାଯାଇଥିବା ସ୍ପଷ୍ଟ ହୋଇଛି। ମିଥ୍ୟା ତଥ୍ୟଦେଇ ଚାଷୀଙ୍କ ନାମ ପଞ୍ଜୀକରଣ କରାଯାଇଥିବା ନେଇ ଅଭିଯୋଗ ହେବାପରେ ଧାନଚାଷ କରାଯାଇଥିବା ଜମିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସାଟେଲାଇଟ୍ ମାଧ୍ୟମରେ ଚିହ୍ନଟ କରାଯାଉଛି। ଚଳିତ ଥର ଜିଲାରେ ଖରିଫ ଧାନ ପାଇଁ ୨୧,୧୭୧ ଚାଷୀ ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୨୦,୩୩୨ ଚାଷୀଙ୍କ ତଥ୍ୟ ଯାଞ୍ଚ ସରିଛି। ତେବେ ନଭେମ୍ବର ୨୩ ସୁଦ୍ଧା ହୋଇଥିବା ସାଟେଲାଇଟ୍ ସର୍ଭେର ତଥ୍ୟ ଅନୁଯାୟୀ, ୧୭୫୧୨ ଜମିରେ ଧାନଚାଷ ହୋଇ ନ ଥିବା ରିପୋର୍ଟରୁ ଜଣାପଡ଼ିଛି।

ମିଥ୍ୟା ତଥ୍ୟଦେଇ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇଥିବା ଏବଂ ଏଥିରେ ରାଜସ୍ୱ ଏବଂ ସମବାୟ ବିଭାଗର କର୍ମଚାରୀ ଏବଂ ଅଧିକାରୀଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ସାଟେଲାଇଟ ସର୍ଭେ ଆରମ୍ଭ ହୋଇଥିଲା। ଏଥିସହ ଜିଲାରେ ହୋଇଥିବା ନକଲି ପଞ୍ଜୀକରଣ ନେଇ ଜିଲା ପ୍ରଶାସନ ନିର୍ଦ୍ଦେଶରେ ଯାଞ୍ଚ ଆରମ୍ଭ ହୋଇଥିଲା। ଜିଲାର ୧୭୫୧୨ ଜମିରେ ଚାଷ ହୋଇ ନ ଥିବା ଜଣାପଡ଼ିଥିଲା। ଏଥିରେ କଲ୍ୟାଣସିଂହପୁର ଲାମ୍ପ୍ସ ଅଧୀନରେ ୩୪୩୧, ଗୁଣପୁର ଲାମ୍ପ୍ସ ଅଧୀନରେ ୨୬୩୫, କୋଲନରା ଲାମ୍ପ୍ସ ଅଧୀନରେ ୧୪୨୬, ପଦ୍ମପୁର ଲାମ୍ପ୍ସ ଅଧୀନରେ ୧୨୬୮, ଗୁଡାରି ଲାମ୍ପ୍ସ ଅଧୀନରେ ୧୦୮୬ ଏବଂ ରାମନାଗୁଡ଼ା ଲାମ୍ପ୍ସ ଅଧୀନରେ ସର୍ବାଧିକ ୩୫୯୦ ଜମି ରହିଥିବା ଜଣାପଡ଼ିଛି। ସାଟେଲାଇଟ ସର୍ଭେରୁ ମିଳିଥିବା ତଥ୍ୟ ଆଧାରରେ ଏବେ ଏହି ଜାଲିଆତି ଘଟଣାର ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ ଚାଲିଛି। ଏ ପର୍ଯ୍ୟନ୍ତ ୧୭୫୧୨ ଜମି ମଧ୍ୟରୁ ୧୧୪୪୬ ଜମିକୁ ସାଟେଲାଇଟ ଯାଞ୍ଚ କରିଛି। ସେଥିମଧ୍ୟରୁ ୧୬୮୧ ଜମିରେ ଧାନ ଚାଷ ହୋଇଥିବା ବେଳେ ୯୭୬୫ ଜମିରେ ଧାନଚାଷ ହୋଇ ନ ଥିବା ସମବାୟ ସମିତି ଉପ ନିବନ୍ଧକ ମନ୍ମଥ କୁମାର ଦାସ ସୂଚନା ଦେଇଛନ୍ତି।

ତେତେକ ଜମିରେ କପା, ହରଡ଼, କାଜୁ ଏବଂ ଅନ୍ୟ ଚାଷ ହୋଇଥିବା ବେଳେ ଆଉ କେତୋଟିରେ ପୋଖରୀ ରହିଥିବା ଯାଞ୍ଚବେଳେ ଜଣାପଡ଼ିଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ରାଜସ୍ୱ ଏବଂ ଲାମ୍ପ୍ସ ଅଧିକରୀଙ୍କ ବିନା ସହଯୋଗରେ ଏଭଳି ଦୁର୍ନୀତି କରାଯିବା ସମ୍ଭବ ନୁହେଁ ବୋଲି ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ସାଟେଲାଇଟ୍ ସର୍ଭେ ତଥ୍ୟ ଆଧାରରେ ରାୟଗଡ଼ା, କାଶୀପୁର ଏବଂ ଗୁଡାରୀ ବ୍ଲକରେ ଅନିୟମିତତା କମ୍ ରହିଥିବା ବେଳେ କଲ୍ୟାଣସିଂହପୁର, ପଦ୍ମପୁର, କୋଲନରା ଏବଂ ରାମନାଗୁଡ଼ାରେ ସବୁଠାରୁ ଅଧିକ ବେଆଇନ ପଞ୍ଜୀକରଣ ହୋଇଛି। ଚାଷୀଙ୍କ ପାଇଁ ଆସୁଥିବା ସବସିଡି ଅର୍ଥ ହଡ଼ପ କରିବା ପାଇଁ ଏଭଳି କାମ କରାଯାଇଥିବା ସନ୍ଦେହ କରାଯାଉଛି। ସର୍ଭେ ଶେଷ ହେବାପରେ କେଉଁଠାରେ କେତେ ଜମିରେ ଧାନଚାଷ ହୋଇଛି ତାହା ସ୍ପଷ୍ଟ ହେବ। ଅପରପକ୍ଷେ ଜିଲାରେ ଚାଷୀ ପଞ୍ଜୀକରଣ ସମୟରେ ଅନେକ ପ୍ରକୃତ ଚାଷୀ ସୂଚନା ପାଇ ନ ଥିବା ଯୋଗୁ ପଞ୍ଜୀକରଣରୁ ବଞ୍ଚିତ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ପଞ୍ଜୀକରଣରୁ ବଞ୍ଚିତ ଚାଷୀ ଧାନ ମଣ୍ଡିରେ ବିକ୍ରି କରିବାର ସୁଯୋଗ ପାଇବେ ନାହିଁ। ଏହାର ଲାଭ ମିଲର୍ସ ଉଠାଇବେ ବୋଲି ଅନେକ ଚାଷୀ ଅଭିଯୋଗ କରିଛନ୍ତି। ସୂଚନା ପାଇ ନ ଥିବାରୁ ପଞ୍ଜୀକରଣ କରିପାରି ନ ଥିବା ମୁନିଗୁଡ଼ା ବ୍ଲକର ଚାଷୀ ନିହାର ରଞ୍ଜନ ପ୍ରକାଶ କରିବା ସହ ସେ ନିଜ ଧାନର ଉଚିତ ମୂଲ୍ୟ ପାଇବା ନେଇ ଆଶଙ୍କାରେ ଅଛନ୍ତି। ତେଣୁ ପ୍ରକୃତ ତଦନ୍ତ ହେଲେ କେତେ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି ତାହା ସ୍ପଷ୍ଟ ହେବ ବୋଲି ମତପ୍ରକାଶ ପାଇଛି।

# ନବରଙ୍ଗପୁର ଜିଲାର ପ୍ରତିଯୋଗୀଙ୍କୁ ବଡ଼ ସଫଳତା

## ରାଜ୍ୟସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା



ପଦକ ବିଜେତାମାନେ।

ତେନ୍ତୁଲିଖୁଣ୍ଟି,୩୦।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ସଦର ସ୍ଥିତ ଭେଙ୍କଟେଶ୍ୱର କଲ୍ୟାଣ ମଣ୍ଡପଠାରେ ନଭେମ୍ବର ୨୭ ଏବଂ ୨୮ରେ ଚାଲିଥିବା ପ୍ରଥମ କଳିଙ୍ଗ ଓପନ୍ ରାଜ୍ୟସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ନବରଙ୍ଗପୁର ଜିଲାର ପ୍ରତିଯୋଗୀମାନେ ସଫଳତା ଅର୍ଜନ କରିଛନ୍ତି। ଜିଲାର ତେନ୍ତୁଲିଖୁଣ୍ଟି ବ୍ଲକ୍ ଖାତିଗୁଡ଼ା ଅଞ୍ଚଳର ବିଶିକେଶନ ଛତ୍ରିଆ ସ୍ୱର୍ଣ୍ଣପଦକ ପାଇଥିବାବେଳେ ନରେନ୍ଦ୍ର କଚ୍ଛପ ଜୁନିୟର ୫୩ ବର୍ଗ ବ୍ରେଞ୍ଚପ୍ରେସ୍‌ରେ ଭାଗନେଇ ରୌପ୍ୟପଦକ, ସମିତି ଟାକ୍ରି ଜୁନିୟର ବ୍ରେଞ୍ଚପ୍ରେସ୍‌ରେ ୬୬ ବର୍ଗରେ ସ୍ୱର୍ଣ୍ଣପଦକ, କ୍ଷତରଞ୍ଜନ ସ୍ୱାଇଁ ୧୦୫ ଜୁନିୟର ବର୍ଗରେ ବ୍ରୋଞ୍ଜ ପଦକ ଏବଂ ଡେଡ୍‌ଲିଫ୍ଟ ପ୍ରତିଯୋଗିତାରେ ରୌପ୍ୟପଦକ ହାସଲ କରି ଜିଲା ପାଇଁ ଗୌରବ ଅର୍ଜନ କରିଛନ୍ତି।

ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପଦକ ଦେଇ ପୁରସ୍କୃତ କରିଥିଲେ। ନବରଙ୍ଗପୁର ଜିଲାରୁ ମ୍ୟାନେଜର ଭାବେ ପ୍ରଣୟ ରଞ୍ଜନ ଟାକ୍ରି ଉପସ୍ଥିତି ଥିଲେ। ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ବିଜେତା ରମେଶ ଗରଡ଼ାଙ୍କ ପ୍ରେରଣାରେ ଜିଲାର ପ୍ରତିଯୋଗୀ ମାନେ ଏଭଳି ସଫଳତା ପାଇଥିବା ପ୍ରକାଶ କରିଛନ୍ତି। ଏ ନେଇ ଗରଡ଼ା ନିଜ ପ୍ରତିକ୍ରିୟାରେ କହିଛନ୍ତି, ପ୍ରତିଯୋଗୀମାନଙ୍କ ଆର୍ଥିକ ସ୍ଥିତି ଭଲ ନ ଥିଲେ ମଧ୍ୟ ରାଜ୍ୟସ୍ତରୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଅଧିକ ପ୍ରୋତ୍ସାହନ ମିଳିଲେ ଅଞ୍ଚଳରେ ପ୍ରତିଯୋଗୀଙ୍କ ଅଭାବ ରହିବ ନାହିଁ ବୋଲି ସେ କହିଛନ୍ତି। ପ୍ରତିଯୋଗୀମାନେ ଜିଲାରେ ପହଞ୍ଚିବା ପରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଦୁର୍ନୀତି ନିରୋଧୀ ଶାଖାର ଜିଲା ସଭାପତି ଲକ୍ଷ୍ମୀଚନ୍ଦ୍ର ଟାକ୍ରି, ଉପସଭାପତି ହିମାଂଶୁ ଶେଖର ବାଘ, ତେନ୍ତୁଲିଖୁଣ୍ଟି ବ୍ଲକ ଜୋନ୍-୨ ଜିଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ତେନ୍ତୁଲିଖୁଣ୍ଟି ମିଲର୍ସ ଆସୋସିଏଶନ ସମ୍ପାଦକ, ତେନ୍ତୁଲିଖୁଣ୍ଟି ବ୍ଲକ ବିଜେଡି ଯୁବନେତା ଅଖିଳ ଭତ୍ରା, ପୂର୍ବତନ ଜିଲା ପରିଷଦ ସଭ୍ୟ ସଦାଶିବ ଜାନି, ତେନ୍ତୁଲିଖୁଣ୍ଟି ବ୍ଲକ କଂଗ୍ରେସ ସଭାପତି, ତେନ୍ତୁଲିଖୁଣ୍ଟି ବିଡିଓ ଦୁର୍ଯ୍ୟୋଧନ ଭୋଇ, ସହକାରୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଛନ୍ତି। ଆଗକୁ ପ୍ରତିଯୋଗୀମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇଦେବାକୁ ବ୍ଲକ ପ୍ରଶାସନ ପ୍ରତିଶ୍ରୁତି ଦେଇଛି।

# କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଗଛ ନଷ୍ଟ

ଦିଗପହଣ୍ଡି,୩୦।୧୧(ଡି.ଏନ.ଏ.)

ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ବ୍ରିଜେଶ ରାଏଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ପାଟପୁର ଥାନା ଢ଼ିମ୍ପିରାପଲ୍ଲୀ, କନ୍ଧ ସାହି, ସୁବର୍ଣ୍ଣଗଡ଼, ସୀତାପଲି, କେନ୍ଦୁପଲ୍ଲୀ ଗ୍ରାମ ନିକଟ ଜଙ୍ଗଲରୁ ପ୍ରାୟ ୧୫ ଏକର ଜମିରେ ଗଞ୍ଜେଇ ଗଛ ନଷ୍ଟ କରିବା ସହ ଜାଳି ଦିଆଯାଇଛି। ତହସିଲଦାର ଡ.ଶ୍ରୀନିବାସ ବେହେରା, ଏସଡିପିଓ ଉମା ଶଙ୍କର ସିଂ, ଆଇଆଇସି ସବ୍ୟସାଚୀ ମଲ୍ଲ, ଆଇଆଇସି ରମେଶ ପ୍ରଧାନ, ଆଇଆଇସି ମନୋଜ ପ୍ରଧାନ, ଚଢ଼ାଉରେ ସାମିଲ ହୋଇଥିଲେ।

# ଶୁଖିଲା ଛତୁ ତରକାରି ଖାଇ ପରିବାରର ୭ ଅସୁସ୍ଥ

ଉମରକୋଟ,୩୦।୧୧(ସ୍ୱ.ପ୍ର.)


ପରିବାରର ଅସୁସ୍ଥ ୨ ଶିଶୁ।

ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ଆଦିବାସୀ ପୂର୍ଲା ଗ୍ରାମରେ ବୁଧବାର ଶୁଖିଲା ଛତୁରୁ ପ୍ରସ୍ତୁତ ତରକାରି ଖାଇ ଗୋଟିଏ ପରିବାରର ୭ ସଦସ୍ୟ ଅସୁସ୍ଥ ହୋଇଛନ୍ତି। ଶ୍ରାବଣ ଛତୁକୁ ଶୁଖାଇ ରଖି ଖାଇବା ପରେ ସମସ୍ତେ ଗୁରୁତର ହୋଇଛନ୍ତି। ସେମାନେ ହେଲେ ହୀରାସିଂ ଭତ୍ରା(୫୫), ତୁଳାରାମ ଭତ୍ରା(୩୬), କମଳା ଭତ୍ରା(୫୩), କଲମ ଭତ୍ରା(୩୩), ତ୍ରିନାଥ ଭତ୍ରା(୪୦), ସହଦେବ ଭତ୍ରା(୮) ଏବଂ ବିଜୟ ଭତ୍ରା (୪)। ସମସ୍ତଙ୍କୁ ଉମରକୋଟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ହୀରାସିଂ ଭତ୍ରା(୫୫)ଙ୍କ ଘରେ ଶ୍ରାବଣ ମାସରୁ ଶ୍ରାବଣ ଛତୁ ଶୁଖାଇ ରଖିଥିଲେ। ବୁଧବାର ଘରେ ଉକ୍ତ ଶୁଖିଲା ଛତୁରେ ତରକରୀ ପ୍ରସ୍ତୁତ କରି ସମସ୍ତେ ଖାଇଥିଲେ। ଏହାପରେ ସମସ୍ତଙ୍କୁ ବାନ୍ତି ହେବା ସହ ଅସୁସ୍ଥ ହୋଇ ପଡ଼ିଥିଲେ। ଗ୍ରାମବାସୀଙ୍କ ସହାୟତାରେ ତୁରନ୍ତ ସେମାନଙ୍କୁ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ର ନେଇ ଚିକିତ୍ସା କରାଯାଉଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ଶରତ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

# ପିକ୍‌ଅପ୍ ଧକ୍କାରେ ଯୁବକ ମୃତ

ମୁନିଗୁଡ଼ା,୩୦।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ଅଧୀନ ବନଦୁର୍ଗା ମନ୍ଦିର ନିକଟସ୍ଥ ଏନ୍‌ଆର୍‌ଏଲ ପେଟ୍ରୋଲ ପମ୍ପ ସମ୍ମୁଖରେ ବୁଧବାର ଏକ ପିକ୍‌ଅପ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଅଞ୍ଚଳର ଅଙ୍କୁର ଲୋହାର। ଅଙ୍କୁର କିଛି ଦିନ ହେଲା ମୁନିଗୁଡ଼ା ଥାନା ଅଧୀନ ପାତ୍ରଗୁଡ଼ା ଠାରେ ରହି ଆସୁଥିଲେ। ବୁଧବାର ସେ ବାଇକ୍ ଯୋଗେ ବିଷମକଟକ ଯାଇ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ପିକ୍‌ଅପ ସହ ତାଙ୍କର ଧକ୍କା ହୋଇଥିଲା। ମୁନିଗୁଡ଼ା ଥାନା ପୋଲିସ ପହଞ୍ଚି ଅଙ୍କୁରଙ୍କୁ ଗୁରୁତର ଅବସ୍ଥାରେ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ ଓ ବାଇକ୍‌କୁ ପୋଲିସ ଜବତ କରିଛି। ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସୁଜ୍ଞାନୀ ସାହୁ ସୂଚନା ଦେଇଛନ୍ତି।

# ଅନ୍‌ଲାଇନ୍‌ରେ ୬୫ ହଜାର ଠକେଇ

## ଟିଭି କଷ୍ଟମର କେୟାରକୁ ଫୋନ୍ କରି ଲୁଟ୍‌ର ଶିକାର

ନବରଙ୍ଗପୁର,୩୦।୧୧(ବି.ପ୍ର.)

ନବରଙ୍ଗପୁର ସହର ଦ୍ୱାରିକା ନଗର ଜମାଲ କଲୋନୀ ନିବାସୀ ପ୍ରତାପ ପଟ୍ଟନାୟକଙ୍କ ଆକାଉଣ୍ଟରୁ ୬୫ ହଜାର ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଟିଭି କଷ୍ଟମର କେୟାରକୁ ଫୋନ୍ କରି ସେ ଏଭଳି ଅନ୍‌ଲାଇନ୍ ଲୁଟ୍‌ର ଶିକାର ହୋଇଛନ୍ତି।

ସୂଚନା ଅନୁଯାୟୀ, ପ୍ରତାପଙ୍କ ଟିଭି ଖରାପ ହୋଇଯିବା ଯୋଗୁ ମରାମତି ପାଇଁ ସେ କମ୍ପାନୀ କଷ୍ଟମର କେୟାର ନମ୍ବର ୮୨୪୯୫୨୯୮୧୭ କୁ ଯୋଗାଯୋଗ କରିଥିଲେ। ଜଣେ ବ୍ୟକ୍ତି ଫୋନ୍ ଉଠାଇ ବରିଷ୍ଠ ପରିଚାଳକଙ୍କ ସହ କଥା ହେବାକୁ କହିଥିଲେ। ପରେ ୯୩୩୪୫୩୦୮୦୯ରୁ ଏକ ଫୋନ କଲ୍ ଆସିଥିଲା ଏବଂ ସେ ନିଜକୁ କମ୍ପାନୀର ବରିଷ୍ଠ ପରିଚାଳକ ବୋଲି ପରିଚୟ ଦେଇଥିଲେ। ଟିଭିର ମରାମତି ପାଇଁ କହିବା ସହ ୨ ଟଙ୍କା ଫୋନ୍ ପେ ରେ ପଠାଇବାକୁ କହି ଓଟିପି ପଠାଇଥିଲେ। ପରେ 'ଆନି ଡେସ୍କ' ନାମକ ଆପ୍ ଡାଉନ୍‌ଲୋଡ କରିବାକୁ କହିଥିଲେ। ତାହାକୁ ଡାଉନଲୋଡ କରି ସେଥିରେ ଏକ ଓଟିପି ଆସିବାରୁ ୨ ଟଙ୍କା ପଠାଇଥିଲେ। ଉକ୍ତ ବ୍ୟକ୍ତିଙ୍କ ସହ କଥାବାର୍ତ୍ତା ସରିବା ପରେ ପ୍ରତାପଙ୍କ ଆକାଉଣ୍ଟରୁ ୬୫ ହଜାର ଟଙ୍କା ଫୋନ୍ ପେ ମାଧ୍ୟମରେ କଟିଯାଇଥିଲା। ଏ ନେଇ ସେ ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ୫୮୪/୨୨ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ପ୍ରକାଶ କରିଛି।

# ଅଧକ୍ଷାଙ୍କ କାର୍ଯ୍ୟାଳୟ ତଲାସି, ଖାଲିହାତରେ ଫେରିଲେ ମାଜିଷ୍ଟ୍ରେଟ

## ବିଡିଓ, ଅଧକ୍ଷା ବିବାଦରେ ନୂଆମୋଡ଼


ଅଧକ୍ଷାଙ୍କ କାର୍ଯ୍ୟାଳୟରେ ତଲାସି ଚାଲିଛି।

ଗୁଣପୁର,୩୦।୧୧(ଡି.ଏନ୍.ଏ.)

ଗୁଣପୁର ବ୍ଲକ ଅଧକ୍ଷା ଏବଂ ବିଡିଓ ବିବାଦ ମାମଲା ଏବେ ନୂଆ ମୋଡ଼ ନେଇଛି। ବିଡିଓଙ୍କ ଅଭିଯୋଗକ୍ରମେ ଅଧକ୍ଷାଙ୍କ କାର୍ଯ୍ୟାଳୟକୁ ତଲାସି କରିବାକୁ ଯାଇ ତହସିଲଦାରଙ୍କୁ ଖାଲିହାତରେ ଫେରିବାକୁ ପଡ଼ିଛି। ବ୍ଲକ ଅଧକ୍ଷାଙ୍କ ନିକଟରେ କେସ୍ ରେକର୍ଡ ରହିଥିବା ନେଇ ବିଡିଓ ଶାନ୍ତିପ୍ରଭା ପ୍ରଧାନ ଉପରିସ୍ଥ ପ୍ରଶାସନକି ଅଧିକାରୀଙ୍କୁ ଅବଗତ କରିଥିଲେ। ଏହାପରେ ବୁଧବାର ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଶରତ ଚନ୍ଦ୍ର ନାୟକ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ରହି ଅଧକ୍ଷାଙ୍କ କାର୍ଯ୍ୟାଳୟ ତଲାସି କରିଥିଲେ। ହେଲେ ସେଠାରୁ ସେ ଖାଲିହାତରେ ଫେରିଥିବା ଦେଖିବାକୁ ମିଳିଥିଲା।

ଘଟଣା ନେଇ ବିଡିଓଙ୍କ ଅଭିଯୋଗ ହେଲା, ଗତ ୨ ମାସ ହେଲା ୮ଟି କେସ୍ ରେକର୍ଡ କାଉଣ୍ଟର ସିଗ୍‌ନେଚର ପାଇଁ ଅଧକ୍ଷାଙ୍କ ନିକଟକୁ ଯାଇଥିଲା। ହେଲେ ସେହି ଫାଇଲ ଗୁଡ଼ିକ ସେ ଫେରାଇ ନ ଥିଲେ। ଫାଇଲ ଫେରାଇବାକୁ ଅଧକ୍ଷାଙ୍କୁ ଅନେକ ଥର କୁହାଯାଇଥିଲେ ମଧ୍ୟ ସେ କର୍ଣ୍ଣପାତ କରି ନ ଥିଲେ। ଶେଷରେ ବିଡିଓ ଉପଜିଲାପାଳଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ଉପଜିଲାପାଳ ଗୁଣପୁର ତହସିଲଦାର ଏବଂ ପୋଲିସକୁ ନିର୍ଦ୍ଦେଶ ଦେଇ ଇନ୍‌ଭେନ୍‌ଟରୀ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉପ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମାଜିଷ୍ଟ୍ରେଟ ଏବଂ ପୋଲିସ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଅଧକ୍ଷାଙ୍କୁ ଅପେକ୍ଷା କରିଥିଲେ। ହେଲେ ଅଧକ୍ଷା ଆସି ନ ଥିଲେ। ଶେଷରେ ଉପାଧକ୍ଷ ସୁଦର୍ଶନ ଶବର ଅଧକ୍ଷାଙ୍କ କାର୍ଯ୍ୟାଳୟର ଚାବି ଧରି ଆସିଥିଲେ। ସେ ପହଁଞ୍ଚିବା ପରେ ତଲାସିକାରି ଦଳ ତାଲା ଖୋଲି କାର୍ଯ୍ୟାଳୟ ଇନ୍‌ଭେନ୍‌ଟରୀ ପ୍ରସ୍ତୁତ କରିବା ପାଇଁ ଯାଇଥିଲେ। ହେଲେ ତଲାସି ସମୟରେ ଅଧକ୍ଷାଙ୍କ କାର୍ଯ୍ୟାଳୟରୁ କୌଣସି ନଥିପତ୍ର ନ ପାଇ ଖାଲିହାତରେ ଫେରିଥିବା ଦେଖିବାକୁ ମିଳିଥିଲା। ଏ ନେଇ ବିଡିଓଙ୍କୁ ପଚାରିବାରୁ ସେ କହିଛନ୍ତି, କୌଣସି ନଥିପତ୍ର ନ ମିଳିବା ବିଷୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରଯିବ।

ସୂଚନାଯୋଗ୍ୟ ଗତ ୨୨ ତାରିଖରେ ଅଧକ୍ଷାଙ୍କ ଗୋଷ୍ଠୀ ପକ୍ଷରୁ ବିଡିଓ ତାଙ୍କୁ ଅଣଦେଖା କରୁଥିବା ସହ ପାତର ଅନ୍ତର କରୁଥିବା, ବିଭିନ୍ନ ଯୋଜନାରେ କାର୍ଯ୍ୟ ହେଉଥିଲେ ମଧ୍ୟ ବିଲ୍ ହେଉ ନ ଥିବା, ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ହାତବାରିସି ସାଜି କାର୍ଯ୍ୟ କରୁଥିବା ଅଭିଯୋଗ କରି ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହାପରେ ବିଜେଡି ପକ୍ଷରୁ ୨୫ ତାରିଖରେ ପୌର ପରିଷଦ କାର୍ଯ୍ୟାଳୟ ଘେରାଉ କରାଯାଇ ଦୁର୍ନୀତି ହେଉଥିବା ଅଭିଯୋଗ କରାଯାଇଥିଲା। ଏପରି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବାବେଳେ ଅଧକ୍ଷାଙ୍କ କାର୍ଯ୍ୟାଳୟରେ ତଲାସି କରିବା ଘଟଣା ପରିସ୍ଥିତିକୁ ଜଟିଳ କରିଛି। ବିଡିଓଙ୍କ ଅଭିଯୋଗ କ୍ରମେ ୨୫ ତାରିଖରେ ବ୍ଲକ ଅଧକ୍ଷାଙ୍କ ଭାଇ ତଥା ଡମ୍ବସରା ପଞ୍ଚାୟତର ପୂର୍ବତନ ସରପଞ୍ଚ ମଧୁସୂଦନ ଶବର ଓରଫ ମଥୁରାଙ୍କୁ ପୋଲିସ ଗିରଫ କରିଥିଲା। ବୁଧବାର ତାଙ୍କ ଜାମିନ ଆବେଦନ ଖାରଜ ହୋଇଛି। ସାମ୍ପ୍ରତିକ ବିଭିନ୍ନ ଘଟଣା କ୍ରମ ମଧ୍ୟରେ ବିଜେଡି ଏବଂ ଶିବ ଗୌଡ଼ ସମର୍ଥିତ ସ୍ୱାଧୀନ ଗୋଷ୍ଠୀ ମଧ୍ୟରେ ମୁହାମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଅଶାନ୍ତ ବାତାବରଣ ରହିଛି। ବିଭିନ୍ନ ସ୍ଥାନରେ ଅସନ୍ତୋଷର ଦାନା ବାନ୍ଧିବାରେ ଲାଗିଛି। ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏନେଇ ଉଭୟ ଗୋଷ୍ଠୀ ମଧ୍ୟରେ କୌଣସି ସମାଧାନ ନ ହେଲେ ଆଗକୁ ପରିସ୍ଥିତି ଆହୁରି ଜଟିଳ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି।



